# ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର

ଭଦ୍ରକ ଅଫିସ,୨୮।୧୦

ଦୀପାବଳିଠାରୁ ଆରମ୍ଭ ହୋଇଛି ଓଡ଼ିଶା ପ୍ରସିଦ୍ଧ ଭଦ୍ରକ କାଳୀପୂଜା। ୧୧ଟି ଅସ୍ଥାୟୀ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇ ଆବାହନ କରାଯାଇଛି। ସୋମବାର ଦ୍ୱିତୀୟ ଦିନରେ ପାଗ ଅନୁକୂଳ ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରାତି ବଢ଼ିବା ସହିତ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଚରମ୍ପା ଷ୍ଟେଶନ ଓ ଏହା ଆଖପାଖ ଅଞ୍ଚଳ ବେଶ୍ ଉତ୍ସବମୁଖର ହୋଇଉଠିଛି। ସବୁ ପୂଜା ମଣ୍ଡପର ସଚେତନାତ୍ମକ ବାରୁଆଲି ନିକଟରେ ଲୋକଙ୍କ ଭିଡ଼ ଜମିଥିଲା। ଷ୍ଟେଶନ ଆରପାଖ ମା'ପଥରକାଳୀଙ୍କ ସ୍ଥାୟୀ ପୂଜା ମଣ୍ଡପ ସମ୍ମୁଖରେ ସୁଉଚ୍ଚ ତୋରଣ ନିଆରା ଆକର୍ଷଣ ହୋଇଛି। ସେଠାରେ ନିକଟରେ ଖ୍ୟାତିସମ୍ପନ୍ନ ଲାଭ କରିଥିବା ରାନୁ ମଣ୍ଡଳଙ୍କ ଭିକାରୀରୁ କୋଟିପତି ଭାଗ୍ୟ ପରିବର୍ତ୍ତନ ନେଇ ହୋଇଥିବା ବାରୁଆଲି ବେଶ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ମହାପ୍ରଭୁ ଓ ଗୋସ୍ୱାଇଁଙ୍କୁ ନେଇ ହୋଇଥିବା ପୌରାଣିକ ଲୋକକଥାଭିତ୍ତିକ ବାରୁଆଲି ମନଲୋଭା ହୋଇଛି। ଷ୍ଟେଶନ ପାଖ ମଣ୍ଡପରେ ମା' କାଳୀଙ୍କ ମୂର୍ତ୍ତିଠାରୁ ତୋରଣ ନିକଟରେ ଦର୍ଶକଙ୍କ ଭିଡ଼ ଜମୁଛି। ମୋଦି ଓ ଜିନ୍‌ପିଙ୍ଗ ଭେଟ ଓ ଇମ୍ରାନ ମୁଣ୍ଡରେ ହାତପାର୍ଶ୍ୱ, ପ୍ରଭୁ ନୃସିଂହଙ୍କ ଉଗ୍ରରୂପ ବାରୁଆଲି ଲୋକଙ୍କୁ ଆକୃଷ୍ଟ କରୁଛି। ପିଡ଼ଖୁଆଇ କାଳୀପୂଜା ମଣ୍ଡପରେ ରାଜପ୍ରାସାଦ ତୋରଣ ଚିତ୍ତାକର୍ଷକ ହୋଇଛି। ସେଠାରେ କାଳିଆଦଳନ, କାଳନେମି ବଦ୍ଧ ଓ ଲକ୍ଷ୍ମୀଙ୍କ ଉଆସରେ ଶ୍ରୀଜଗନ୍ନାଥ, ବଳଭଦ୍ରଙ୍କ ଅନ୍ନଭୋଜନ ଦୃଶ୍ୟର ବାରୁଆଲି ମନ କିଣୁଛି। ସହର ରାସ୍ତାଘାଟ ରଙ୍ଗିନ ଆଲୋକମାଳା ଓ ଏଲ୍ଇଡି ବୋର୍ଡରେ ଝଲସୁଛି। ସମସ୍ତ ମଣ୍ଡପରେ ସିସିଟିଭି ଓ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଥିବା ଦେଖିବାକୁ ମିଳିଛି। ଯାତ୍ରାପାର୍ଟିଙ୍କ ପକ୍ଷରୁ ରାସ୍ତାକଡ଼ରେ ଲମ୍ବା ହୋଡ଼ିଂ ଶୋଭା ବଢ଼ାଉଛି।

ପ୍ରସିଦ୍ଧ ଭଦ୍ରକ କାଳୀପୂଜା


ପିଡ଼ଖୁଆଇ କାଳୀପୂଜା ମଣ୍ଡପ।


ମା' ପଥରକାଳୀଙ୍କ ନିକଟରେ ସୁଉଚ୍ଚତୋରଣ।


ରାନୁ ମଣ୍ଡଳଙ୍କ ଭିକାରୀରୁ କୋଟିପତି ବାରୁଆଲି।

### ଶୁଭେଚ୍ଛା ହୋର୍ଡିଂ ବନାମ ରାଜନୀତି

କାଳୀପୂଜା ଅବସରରେ ରାଜଘାଟ ଛକ, ଚରମ୍ପା ଷ୍ଟେଶନ ଅଞ୍ଚଳ ତଥା ଭଦ୍ରକ ସହର ବିଭିନ୍ନ ପ୍ରମୁଖ ଛକ ବିଭିନ୍ନ ରାଜନୈତିକ ଦଳର ଛାମୁଆ ନେତା ଓ ସହଯୋଗୀ କର୍ମୀଙ୍କ ଶୁଭେଚ୍ଛା ହୋଡିଂରେ ଭରପୁର ହୋଇଉଠିଛି। ଏଠି ପୌରପାଳିକାର ନିର୍ଦ୍ଦିଷ୍ଟ ହୋର୍ଡିଂ ମରା ଟିକସ ନୀତି ଠିକ୍ ନ ଥିବା କାରଣରୁ ଯିଏ ଯେଉଁଠି ପାରିଲା ହୋର୍ଡିଂ ମାରି ନିଜ ପତିଆରା ବଢ଼ାଇବାରେ ଲାଗିଛନ୍ତି। ଲକ୍ଷାଧିକ ଜନସମାଗମକୁ ଆଖି ଆଗରେ ରଖି ନିଜର ରାଜନୈତିକ ଭବିଷ୍ୟତ ଲକ୍ଷ୍ୟରେ ହୋର୍ଡିଂରେ ଛାଇ ଦେଇଛନ୍ତି ସାରା ସହର। ରାଜନୈତିକ କ୍ୟାରିୟରକୁ ଦୃଷ୍ଟିରେ ରଖି ଏହି ହୋର୍ଡିଂ ମରା ଅଭିଯାନକୁ ନେତାମାନେ ହାତଛଡ଼ା କରିବାକୁ ପଛାଇ ନାହାନ୍ତି। କେହି କେହି ଏହାକୁ କାଳୀପୂଜା ହୋର୍ଡିଂ ରାଜନୀତି ବୋଲି ସମାଲୋଚନା କରିଛନ୍ତି।

## ପୌରାଣିକ ଲୋକକଥା, ସଚେତନତା ବାରୁଆଲି ନିକଟରେ ଭିଡ଼

### ସୂଚନା କେନ୍ଦ୍ର ଉଦ୍‌ଘାଟନ

ଭଦ୍ରକ ଷ୍ଟେଶନ ନିକଟରେ ସ୍ୱେଚ୍ଛାସେବୀ ସଙ୍ଗଠନ ଶହୀଦ ଭଗତସେନା ପକ୍ଷରୁ ଏକ ସୂଚନା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସୋମବାର ମଧ୍ୟାହ୍ନରେ ସଙ୍ଗଠନର ଆବାହକ ସିତାଂଶୁ ମହାପାତ୍ର ଏହାକୁ ଉଦ୍‌ଘାଟନ କରି କାଳୀପୂଜା ଶେଷ ପର୍ଯ୍ୟନ୍ତ ଲୋକଙ୍କ ସହାୟତା ପାଇଁ ଏହା କାର୍ଯ୍ୟ କରିବ ବୋଲି କହିଥିଲେ। ପ୍ରାଥମିକ ସ୍ୱାସ୍ଥ୍ୟସେବା ସାଙ୍ଗକୁ ନିଖୋଜ ହୋଇଯାଉଥିବା ଲୋକଙ୍କ ଉଦ୍ଦେଶ୍ୟରେ ଏହି କେନ୍ଦ୍ର କାର୍ଯ୍ୟ କରିବ। ଉଦ୍‌ଘାଟନୀ ଅବସରରେ ଭଗତସେନାର ପଦ୍ମନାଭ ପଣ୍ଡାଙ୍କ ସମେତ ଶତାଧିକ ଯୁବକ ଉପସ୍ଥିତ ଥିଲେ।

## ସୁରକ୍ଷା ପାଇଁ ୧୫ ପ୍ଲାଟୁନ ଫୋର୍ସ ମୁତୟନ

କାଳୀପୂଜା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସ୍‌ପି ରାଜେଶ ପଣ୍ଡିତଙ୍କ ନେତୃତ୍ୱରେ ଚୋର ଓ ଅସାମାଜିକ ଯୁବକଙ୍କୁ କାବୁ କରିବାକୁ ସ୍ୱତନ୍ତ୍ର ପୋଲିସ ନିୟୋଜିତ ହୋଇଛନ୍ତି। ପୂଜା ମଣ୍ଡପ ସମେତ ବିଭିନ୍ନ ସ୍ଥାନରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ୨ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୯ ଇନ୍ସପେକ୍ଟର, ୬୨ ଏସ୍ଆଇ ଓ ଏଏସ୍ଆଇ, ୨ଟି ମୋବାଇଲ ପାଟ୍ରୋଲିଂ ଭ୍ୟାନ୍, ହୋମଗାର୍ଡ, ଗ୍ରାମରକ୍ଷୀ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ୧୦୦ ଜଣ ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି। ସାଦା ପୋଷାକରେ ସ୍ୱତନ୍ତ୍ର ପୋଲିସ ନିୟୋଜିତ ହୋଇ ରୋଡ୍ ରୋମିଓ ଏବଂ ଅସାମାଜିକ ଯୁବକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଛନ୍ତି।

## ମହାକାଳୀ ବେଶରେ ଦର୍ଶନ ଦେଲେ ମା' ଭଦ୍ରକାଳୀ

ଭଦ୍ରକ ଅଫିସ, ୨୮।୧୦

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ପ୍ରଥମ ଦିନ ରବିବାର ବେଦମାତା ଓ ଦ୍ୱିତୀୟ ଦିନ ସୋମବାର ମହାକାଳୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଆଦ୍ୟାଶକ୍ତି ମା' ଭଦ୍ରକାଳୀ ସୋମବାର ମହାକାଳୀ ବେଶରେ ନାଲି ପାଟ ବସ୍ତ୍ର ପରିଧାନ କରିବା ସହ ମୁଖମଣ୍ଡଳ ଥିଲା ଶ୍ୟାମଳ ବର୍ଣ୍ଣ। ମୁକ୍ତକେଶ, ରକ୍ତ ଜିହ୍ୱା ଏବଂ ହାତରେ ଖଡ୍‌ଗ ଓ ତ୍ରିଶୂଳ ଧାରଣ କରି ମୁଣ୍ଡମାଳରେ ମା' ସାଜିଥିଲେ ଉଗ୍ରରୂପ। ମା' ଭଦ୍ରକାଳୀ ପରମ ବୈଷ୍ଣବୀ ଓ ଜଗତ କଲ୍ୟାଣକାରୀ। ମା' ନିଜ କୋଳରେ ବାଳଗୋପାଳଙ୍କ ବିଗ୍ରହକୁ ଧାରଣ କରି ସ୍ନେହମୟୀ ଓ ମଙ୍ଗଳମୟୀର ପରିଚୟ ଦେଇଛନ୍ତି। କାଳୀପୂଜା ସମୟରେ ସଂସାରରୁ ପାପର ବିନାଶ ଲାଗି ମନୁଷ୍ୟର ଗର୍ବ, ଅହଂକାର ଓ ଆସୁରିକ ପ୍ରବୃତ୍ତିକୁ ବିନାଶ କରି ସତ୍ୟ, ଧର୍ମର ବାର୍ତ୍ତା ଦେଇଛନ୍ତି ମା' ଭଦ୍ରକାଳୀ ମହାକାଳୀ ବେଶରେ। ଭଦ୍ରକାଳୀ ପୀଠ ପୁରାଣ ପ୍ରସିଦ୍ଧ ଶକ୍ତିପୀଠ ଭାବେ ଭାରତବର୍ଷରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶ୍ୱଶାନ୍ତି ମହାଯଜ୍ଞର ଆହୁତି ଚାଲିଥିବାବେଳେ ବେଦପାଠ, ଗୀତାପାଠ, ପ୍ରବଚନ, ଭଜନ ସଂକୀର୍ତ୍ତନ ଚଣ୍ଡୀପାଠରେ ପୀଠ ପ୍ରକମ୍ପିତ ହେଉଛି।


ଭଦ୍ରକାଳୀ ପୀଠରେ ସୋମବାର ମା'ଙ୍କ ମହାକାଳୀ ବେଶ।

## ଗଣିଜାଙ୍ଗ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼

ବନ୍ତ, ୨୮।୧୦ (ଡି.ଏନ.ଏ.)

ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ବନ୍ତ ବ୍ଲକ ଗଣିଜାଙ୍ଗ ବଜାରଠାରେ ରବିବାର ରାତିଠାରୁ ମା' କାଳୀଙ୍କ ପୂଜା ଆରମ୍ଭ ହୋଇଛି। ନିଟକସ୍ଥ ସରୁସାଗର ନଦୀରୁ ୯ଟି କଳସ ଅଣାଯାଇ ଘଟ ସ୍ଥାପନା ପୂର୍ବକ ପୂଜା କରାଯାଇଥିଲା। ପୂଜକ ଜଗନ୍ନାଥ ପାଣିଗ୍ରାହୀ, ଶ୍ରୀନିବାସ ପଣ୍ଡା, ସତ୍ୟବ୍ରତ ପଣ୍ଡା, ହାଡିବନ୍ଧୁ ପଣ୍ଡା ପୂଜା କାର୍ଯ୍ୟ ତୁଲାଉଛନ୍ତି। ଦୀର୍ଘ ୭୧ ବର୍ଷଧରି ଏଠାରେ ପୂଜା ଅନୁଷ୍ଠିତ ହୋଇଆସୁଛି। ସ୍ୱର୍ଗତ ଗୌରହରି ପତି, ସ୍ୱର୍ଗତ ସିଦ୍ଧେଶ୍ୱର ଧଳ ଓ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଉଦ୍ୟମରେ ପ୍ରଥମେ ଏହି ବଜାରରେ କାଳୀପୂଜା ଆରମ୍ଭ ହୋଇଥିଲା । ସେହିପରି ଦୀର୍ଘ ୩୦ ବର୍ଷ ହେବ ମୂର୍ତ୍ତି କାରିଗର ମଧୁସୂଦନ ସେଠୀ ଓ ସହକାରୀ କାରିଗର ଆନନ୍ଦ ଚନ୍ଦ୍ର ଜେନା, କୁଳମଣି ବାରିକ, ସୁଧାକର ଜେନା ମୃଣ୍ମୟୀ ମୂର୍ତ୍ତି ତିଆରି କରିଆସୁଛନ୍ତି। ଚଳିତବର୍ଷ ଏହି ପୂଜାରେ ଦର୍ଶକଙ୍କୁ ଆକୃଷ୍ଟ କଲାଭଳି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପୌରାଣିକ ଓ ସାମାଜିକ ଘଟଣାବଳୀକୁ ନେଇ ବିଭିନ୍ନ ପାର୍ଶ୍ୱମୂର୍ତ୍ତି ତିଆରି କରାଯାଇଛି। ସେହିପରି ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ସହ ସମଗ୍ର ବଜାର ଅଞ୍ଚଳକୁ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ସଜା ଯାଇଛି। ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ଜମୁଛି। ଗଣିଜାଙ୍ଗ ସମେତ ବିଭିନ୍ନ ପଞ୍ଚାୟତରୁ ଦର୍ଶକ ଏଠାକୁ ଆସୁଛନ୍ତି। ଦର୍ଶକଙ୍କ ଚାହିଦାକୁ ଲକ୍ଷ୍ୟ କରି ମୀନା ବଜାର, ଦୋଳି, ଯାତ୍ରା ଆଦି ଆୟୋଜନ କରାଯାଇଛି। ଏଥର ୯ ଦିନ ଧରି ପୂଜା ଉତ୍ସବ ଚାଲିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମା' କାଳୀ ବଜାର ପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ ସହଯୋଗ କରୁଛନ୍ତି।


ଗଣିଜାଙ୍ଗ ପୂଜା ମଣ୍ଡପ।

## ଭଣ୍ଡାରିପୋଖରୀ ବଜାର ଉତ୍ସବମୁଖର


ଟ୍ରାଫିକ ସଚେତନତା ବାରୁଆଲି।

ଭଣ୍ଡାରିପୋଖରୀ, ୨୮।୧୦ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକର ଭଣ୍ଡାରିପୋଖରୀ ବଜାର, ମଞ୍ଜୁରିରୋଡ଼ ବଜାର, ଖପୁରିଆପଦାଠାରେ ରବିବାର ରାତିରୁ ମା' କାଳୀଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ କରାଯାଉଛି। ଭଣ୍ଡାରିପୋଖରୀ ବଜାରଠାରେ ଶତାଧିକ ବର୍ଷଧରି ବ୍ୟବସାୟୀ ଓ ବରିଷ୍ଠ ନାଗରିକଙ୍କ ମିଳିତ ଉଦ୍ୟମରେ ଏହି ପୂଜା ପାଳିତ ହୋଇଆସୁଛି। ଏଥର ୭ ଦିନ ଧରି ମା' ପୂଜା ପାଇବେ। ପୂଜା ପାଇଁ ଭଣ୍ଡାରିପୋଖରୀ ବଜାର ଉତ୍ସବମୁଖର ହୋଇଛି। ତାଳପଦା ଗ୍ରାମର ଶିଳ୍ପୀ ପ୍ରସନ୍ନ ତ୍ରିପାଠୀ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପାର୍ଶ୍ୱ ଦେବଦେବୀ(ବାରୁଆଲି) ମୂର୍ତ୍ତି ନିର୍ମାଣ କରିଛନ୍ତି। ବଣ ମଣିଷ, ଜଟାୟୁ ଛେଦନ, ଟ୍ରାଫିକ ନିୟମ ସଚେତନତା ବାର୍ତ୍ତା ଦେଉଥିବା ବାରୁଆଲି ଦର୍ଶକଙ୍କୁ ବାନ୍ଧି ରଖୁଛି। କର୍ତ୍ତାକର୍ତ୍ତା ଭାବେ ଆନନ୍ଦ ଚନ୍ଦ୍ର ସାହୁ, ପାର୍ବତୀ ସାହୁ ଘଟ ଉତ୍ତୋଳନ କରି ରବିବାର ରାତିରେ ମଣ୍ଡପରେ ସ୍ଥାପନା କରିଥିଲେ। ପୂଜକ ନିଗମାନନ୍ଦ ମିଶ୍ର ଓ ରାମଚନ୍ଦ୍ର ପତି ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏହି ପୂଜାରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଦିବସ ଯଥା ଆସନ୍ତା ୩୦, ୩୧ ତାରିଖରେ ଭଜନ ସନ୍ଧ୍ୟା ଓ ୧ରେ ମେଲୋଡ଼ି କାର୍ଯ୍ୟକ୍ରମ ରହିଛି। ୩ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କାଳୀ କମିଟି ସଭାପତି ଯୋଗେନ୍ଦ୍ର ନାଥ ଦାସ, ସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଦାସ ଜଣାଇଛନ୍ତି। ମା'ଙ୍କର ଏହି ପୂଜା ଉତ୍ସବକୁ କମିଟି ସଦସ୍ୟ ସୁଶାନ୍ତ ବେହେରା, ଅନନ୍ତ ଦାସ, ରମେଶ ସେନାପତି, ଦିଲୀପ ସାମଲ, ଦେବେନ୍ଦ୍ର ଦାସ, ପୀତାମ୍ବର ମହାପାତ୍ର, ବିଜୟ ନାୟକ, ମାଗୁଣି ସାହୁ, ନରେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।

## ଧାମନଗରରେ କାଳୀପୂଜା

ଧାମନଗର,୨୮।୧୦(ଡି.ଏନ.ଏ.)

ଧାମନଗର ବ୍ଲକ ବ୍ରାହ୍ମଣପାଳରେ ଶହ ଶହ ବର୍ଷ ଧରି ପୂଜା ପାଇଆସୁଥିବା ମା' ଦକ୍ଷିଣକାଳୀ ମଣ୍ଡପ ସଜେଇ ହୋଇଛି। ରବିବାର ବିଳମ୍ବିତ ରାତିରେ ସନ୍ଧି ପୂଜା ପରେ ସୋମବାରଠାରୁ ଦର୍ଶନ ଆରମ୍ଭ ହୋଇଛି। ୫ ଦିନ ଧରି ମା' ଦକ୍ଷିଣକାଳୀଙ୍କ ପୀଠରେ ନିୟମିତ ଦର୍ଶନ, ବାରମିଶା ଭୋଗ ଏବଂ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ପ୍ରସିଦ୍ଧିଲାଭ କରିଛି। ସେହିଭଳି ଅମାବାସ୍ୟା ତିଥିରେ ଅଧିବାସ, ଦ୍ୱିତୀୟ ଦିନ ବଡ଼ପୂଜା, ୩ୟ ଦିନ ନୈମିତିକ ପୂଜା, ୪ର୍ଥ ଦିନ ପୂର୍ଣ୍ଣାହୁତି ଓ ୫ମ ଦିବସ ଶେଷ ପୂଜାରେ ନିର୍ମାଲ୍ୟ ବାସିନୀ ଜିଲାପି ଭୋଗର ପରମ୍ପରା ରହିଛି। ସେହିପରି ଧୂଷୁରୀ ବଜାର କାଳୀ ମଣ୍ଡପରେ ସୋମବାର ପୂଜା ଆରମ୍ଭ ହୋଇଛି। ଏଠାରେ ଚଳିତବର୍ଷ ବିଭିନ୍ନ ଅପେରା ଦଳର ଯାତ୍ରା ପରିବେଷଣ, ମିନାବଜାର ଆରମ୍ଭ ହୋଇଯାଇଛି। ଦୋବଲ କାଳୀବଜାର ମଣ୍ଡପରେ ୫୨ବର୍ଷରେ ପୂଜା ପଦାର୍ପଣ କରିଥିବାରୁ ବଜାର ଆଲୋକମାଳାରେ ସଜ୍ଜିତ ହୋଇଛି। ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଛି।


ବ୍ରାହ୍ମଣପାଳର ମା' ଦକ୍ଷିଣକାଳୀ ପୂଜାମଣ୍ଡପ।

## ୪ ମଣ୍ଡପରେ ମା'ଙ୍କୁ ପୂଜାର୍ଚ୍ଚନା

ବାସୁଦେବପୁର, ୨୮।୧୦ (ଡି.ଏନ.ଏ.)

ବାସୁଦେବପୁର ଐତିହାସିକ କାଳୀପୂଜା ପାଇଁ ସହର ଉତ୍ସବମୁଖର ହୋଇଛି। ଚଳିତବର୍ଷ ସହର ମଧ୍ୟରେ ୪ଟି ମଣ୍ଡପରେ ମା' କାଳୀ ପୂଜା ପାଉଛନ୍ତି। ରବିବାର ଟ୍ରାଫିକ ଛକସ୍ଥିତ ଆମ କାଳୀ କମିଟି, ବ୍ଲକ ରୋଡ୍, ହାଇସ୍କୁଲ ଛକ ଓ କଚେରି ବଜାର ପୂଜା କମିଟି ପକ୍ଷରୁ କର୍ମକର୍ତ୍ତାମାନେ ମା' କାଳୀଙ୍କ କଳସ ଧରି ମିଳିତ ଶୋଭାଯାତ୍ରାରେ ପୂଜା ଥାଳି ସହ କୀର୍ତ୍ତନ ବାଦ୍ୟଯନ୍ତ୍ରର ତାଳେ ତାଳେ ବାହାରି ଟ୍ରାଫିକ ଛକରେ ପହଞ୍ଚିଥିଲେ। ସେଠାରୁ ୪ ପୂଜା କମିଟି ମିଳିତ ଭାବେ ଥାନା ପଛପାଖ ଲକ୍ଷ୍ମୀନାରାୟଣ ମନ୍ଦିର ପୋଖରୀ ଘାଟରେ କଳସ ବୁଡ଼ାଇ ପୂଜାର୍ଚ୍ଚନା କରିଥିଲେ। ଏହି କଳସ ପୂଜାବେଳେ ୪ ପୂଜା କମିଟି ପକ୍ଷରୁ କିଶୋର ମହାପାତ୍ର, ମାଧବ ଚରଣ ପୁହାଣ,

### ମିଳିତ ଶୋଭାଯାତ୍ରାରେ ବୁଡ଼ାଗଲା କଳସ

ଡା. ସତ୍ୟେନ୍ଦ୍ର ପଟ୍ଟନାୟକ, ସୁବାସ ଚନ୍ଦ୍ର ମହାନ୍ତି, ଭାଗୀରଥି ନାୟକ, ଭାଗୀରଥି ବଳ, ସୁଶେଷ ରଞ୍ଜନ ବାରିକ, ମୃତ୍ୟୁଞ୍ଜୟ ଅଗସ୍ତି, ଟୁଲୁ ବାରିକ, ଦାମୋଦର ଦାସ, ସୁଶାନ୍ତ ବେହେରା, ମଦନ ମୋହନ ମହାକୁଡ଼, ମଦନ ମୋହନ ବାରିକଙ୍କ ସମେତ ୨ ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ। କଳସ ପୂଜା ପରେ ଶୋଭାଯାତ୍ରାରେ ଅଣାଯାଇ ପୂଜା ମଣ୍ଡପ ନିକଟରେ ପହଞ୍ଚା ଯାଇଥିଲା। ଏହାପରେ ୪ ମଣ୍ଡପରେ ରାତିତମାମ ମା'ଙ୍କର ପୂଜା ବିଧି ପୂର୍ବକ ଯାଜ୍ଞିକ ପଣ୍ଡିତ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ସୋମବାର ପୂର୍ବାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ସହିତ ଭୋଗ କାର୍ଯ୍ୟ ସମାପନ କରାଯାଇଥିଲା। ୪ ମଣ୍ଡପରେ ମା'ଙ୍କ ଆକର୍ଷଣୀୟ ମୂର୍ତ୍ତି ସହିତ ସୁନ୍ଦର ତୋରଣ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି। ସାରା ସହରକୁ ରଙ୍ଗବେରଙ୍ଗ ଆଲୋକରେ ସଜ୍ଜିତ କରାଯାଇଛି।


ଆମ କାଳୀ ପୂଜା ମଣ୍ଡପ।

## ଆଖଣ୍ଡଳମଣି ମନ୍ଦିରରେ ଉଠିଲା ମହାଦୀପ

ଆରଡ଼ି, ୨୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ରବିବାର ରାତି ସାଢ଼େ ୯ ଟାରେ ମହାଦୀପ ଉଠିଥିଲା। ଏଥିପାଇଁ ସକାଳଠାରୁ ରାତି ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇଉଠିଥିଲା ପୀଠ। ଭୋର ୫ଟାରେ ମଙ୍ଗଳ ଆଳତି ପରେ ବାବାଙ୍କ ପାଖରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ମହାଦୀପ ଦର୍ଶନ ପାଇଁ ପୀଠରେ ଭିଡ଼ ଜମାଇଥିଲେ। ସନ୍ଧ୍ୟାରେ ବାବାଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯିବା ପରେ ମହାଦୀପ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ରାତି ସାଢ଼େ ୮ଟାରେ ମନ୍ଦିର ଗର୍ଭଗୃହକୁ ମହାଦୀପ ନିଆଯାଇଥିଲା। ସେଠାରେ ପୂଜକମାନେ ଏହାକୁ ଶୁଦ୍ଧ କରିବା ସହ ବାବା ଆଖଣ୍ଡଳମଣିଙ୍କୁ ସମର୍ପଣ କରିଥିଲେ। ରାତି ପ୍ରାୟ ୯ଟା ବେଳେ ସେଠାରୁ ମହାଦୀପକୁ ମନ୍ଦିର ବାହାରକୁ ଅଣାଯାଇଥିଲା। ସେବାୟତମାନେ ଏହାକୁ ବେଢ଼ାରେ ୭ଥର ବୁଲାଇଥିଲେ। ହରିବୋଲ, ହୁଳହୁଳି, ଘଣ୍ଟଧ୍ୱନିର ତାଳେ ତାଳେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଇଥିଲା। ପୀଠରେ ଉପସ୍ଥିତ ଶତାଧିକ ଶ୍ରଦ୍ଧାଳୁ ମହାଦୀପ ଦର୍ଶନ କରିଥିଲେ।

ବାବା ଆଖଣ୍ଡଳମଣିଙ୍କ ପୀଠରେ ବର୍ଷରେ ଦୁଇଥର ଦୀପାବଳି ଓ ମହାଶିବରାତ୍ରିରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥାଏ। ଦୀପାବଳିରେ ଶିବମନ୍ଦିରରେ ମହାଦୀପ ଦର୍ଶନ କଲେ ଦାରିଦ୍ର୍ୟ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିସହିତ ମା' ପରମଲକ୍ଷ୍ମୀଙ୍କ ଅପାର କରୁଣା ମଧ୍ୟ ପ୍ରାପ୍ତ ହୋଇଥାଏ ବୋଲି ଶିବ ପୁରାଣରେ ଉଲ୍ଲେଖ ରହିଛି। ମହାଦୀପ ଉଠିବା ବେଳେ ଆରଡ଼ି ଫାଣ୍ଡି ପୋଲିସ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମହାଦୀପ ଉଠିବା ସମୟରେ ବାଣ ଫୁଟାଇବା ଉପରେ ରୋକ ଲଗାଯାଇଥିଲା ବୋଲି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ କହିଛନ୍ତି। ପୀଠ ସମେତ ମନ୍ଦିର ଓ ବେଢ଼ାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିଲା।


ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଉଛି।

## ମଧ୍ୟାହ୍ନଭୋଜନରୁ ଝିଟିପିଟି ଲାଞ୍ଜ ବାହାରିବା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

ଭଦ୍ରକ ଅଫିସ, ୨୮।୧୦

ଭଦ୍ରକ ଜିଲା ସଦର ବ୍ଲକ କେଦାରପୁର ପ୍ରାଥମିକ ବିଦ୍ୟାଳୟରେ ଗତ ଶନିବାର ମଧ୍ୟାହ୍ନଭୋଜନରୁ ଝିଟିପିଟି ଲାଞ୍ଜ ବାହାରିଥିଲା। ଏହି ଖାଦ୍ୟ ଖାଇ ପ୍ରାୟ ୫୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ଏହି ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସୋମବାର ଭାଜପା ଜିଲା କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେଦାରପୁର ପଞ୍ଚାୟତର ଦଳୀୟ କର୍ମୀମାନେ ଦାବି କରିଛନ୍ତି। ପ୍ରଶାସନ ୫-ଟି ଉପରେ ଗୁରୁତ୍ୱ ଦେଉଥିବାବେଳେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ କିଭଳି ଚୁପ୍ ରହିଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ଓ କର୍ତ୍ତବ୍ୟରେ ଅବହେଳା କରିଥିବା ପାଚିକାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି କହି ଉଦ୍‌ବେଗ ପ୍ରକାଶ କରିଥିଲେ ଭାଜପା ନେତା। ଡ. ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଜିଲାପରିଷଦ ସଭ୍ୟ ହେମନ୍ତ ପାତ୍ରୀ, ପ୍ରଭାକର ସାମଲ, ନାରାୟଣ ସେନାପତି, ଅନିଲ ବେହେରା, ଅଭିମନ୍ୟୁ ଜେନା, ପ୍ରଦୀପ ଘଡ଼େଇ, ଦେବବ୍ରତ ମହାରଣା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା।

## ବିଭିନ୍ନ ସ୍ଥାନରେ ମା'ଙ୍କୁ ଆରାଧନା

ତିହିଡ଼ି, ୨୮।୧୦(ଡି.ଏନ.ଏ.)

ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନ କାଳୀପୂଜା ପାଇଁ ଉତ୍ସବମୁଖର ହୋଇଛି। ତିହିଡ଼ିରେ ଶ୍ୟାମାକାଳୀ ପୂଜା ସମେତ କୋହ୍ଲ, ବାରବାଟିଆ, କାଳିମେଘା, ଦୋଳସାହି ହିଡ଼ମ୍ବାଇ, ଭାଟପଡ଼ା ଆଦି ସ୍ଥାନରେ କାଳୀପୂଜା ଅନୁଷ୍ଠିତ ହେଉଛି। ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ଆରାଧନା କରାଯାଉଛି। କାଳିମେଘାରେ ସର୍ବପ୍ରାଚୀନ ଦକ୍ଷିଣକାଳୀଙ୍କୁ ପୂଜା କରାଯାଉଛି। ଏହିସବୁ ସ୍ଥାନରେ ସୁସଜ୍ଜିତ ତୋରଣ ସାଙ୍ଗକୁ ଆଲୋକମାଳା ବେଶ୍ ଆକର୍ଷଣୀୟ ହୋଇଛି। ସନ୍ଧ୍ୟାରେ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଆସି ମା'ଙ୍କ ଦର୍ଶନ କରୁଛନ୍ତି। ରବିବାର ରାତିରେ କଳସ ବୁଡ଼ା ପରେ ସୋମବାର ବଡ଼ପୂଜା କରାଯାଇଛି। ତିହିଡ଼ି ଶ୍ୟାମାକାଳୀ ପୂଜା କମିଟି ସଭାପତି ବୀରେନ୍ଦ୍ର ନାୟକ ଓ ସମ୍ପାଦକ ବୃନ୍ଦାବନ ଜେନାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। କାଳୀପଡ଼ିଆରେ ମିନାବଜାର ଓ ଦୋଳି ଆକର୍ଷଣ ସାଜିଛି। ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଆସି ଏଠାରେ ପସରା ମେଲିଛନ୍ତି।


ତିହିଡ଼ିରେ ପୂଜା ପାଉଥିବା ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।

**ସଂକ୍ଷେପରେ**

## ଗୋପାଳପୁର ବଜାରରେ ଚୋର ଉପଦ୍ରବ

**ବାହାନଗା,୨୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଅଞ୍ଚଳରେ ଚୋର, ଲୁଟେରାଙ୍କ ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିଛି। କାଳୀପୂଜା ନିମନ୍ତେ ସମସ୍ତେ ବ୍ୟସ୍ତଥିବା ବେଳେ ରବିବାର ବିଳମ୍ବିତ ରାତିରେ ଗୋପାଳପୁର ବଜାର ପଞ୍ଚାନନ ଦାସଙ୍କ ଦୋକାନର ଶର୍ଟର ଭାଙ୍ଗି ଟଙ୍କା ଚୋରି କରି ନିଆଯାଇଛି। ଏହି ବଜାର ନିକଟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥିତ ଷ୍ଟାଫ୍ ନର୍ସ ମମତା ବେହେରାଙ୍କ କ୍ୱାର୍ଟର୍ସର ତାଲା ଭାଙ୍ଗି ଆଲମିରାରୁ ନଗଦ ୧୦ ହଜାର ଟଙ୍କା ସମେତ ସୁନା ଅଳଙ୍କାର, ଏକ ମୋଟରସାଇକେଲ ଓ ଏକ ଟ୍ୟାବଲେଟ୍ ଚୋରି କରି ନିଆଯାଇଛି। ସେହିପରି ମେଡିକାଲ ପରିସରରୁ ଆରତୀ ଦାସ ଏବଂ ସୁନିତା ମଲ୍ଲିକଙ୍କ କ୍ୱାର୍ଟର୍ସରୁ ତାଲା ଭାଙ୍ଗି କେତେକ ସାମଗ୍ରୀ ଲୁଟି ନିଆଯାଇଥିବା ଅଭିଯୋଗ ହୋଇଛି। ସଂପୃକ୍ତ କର୍ମଚାରୀମାନେ ଛୁଟିରେ ଘରକୁ ଯାଇ ଥିବାବେଳେ ଏଭଳି ଘଟଣା ଘଟିଛି। ସେହିପରି ଗୋପାଳପୁର ଏମ.ବି. ନୋଡାଲ ଉଚ୍ଚ ବିଦ୍ୟାଳୟର ଅଫିସ୍ ତାଲା ଭାଙ୍ଗି ଆଲମାରିରେ ଥିବା ୧୦ ହଜାର ଟଙ୍କା ଚୋରି କରି ନିଆଯାଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ କୁମାର ପଣ୍ଡା ଅଭିଯୋଗ କରିଛନ୍ତି। ଗୋପାଳପୁର ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନ ଓ ବାଲେଶ୍ୱରରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ ଚଳାଉଛନ୍ତି। ଜଣେ ଦୋକାନୀଙ୍କ ସିସି କ୍ୟାମେରା ଫୁଟେଜ୍‌କୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ଲାଗି ପୋଲିସ ତଦନ୍ତ ପ୍ରକ୍ରିୟା ଜାରି ରଖିଥିବା କହିଛି।

## ସ୍କୁଟିକୁ ପିଟିଲା ସ୍କୁଲ ବସ୍, ମହିଳା ଗୁରୁତର

**ବାହାନଗା,୨୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକର ଗୋପାଳପୁରରୁ ବାସୁଦେବପୁରକୁ ସଂଯୋଗ କରୁଥିବା ସଲ୍ଟ ରୋଡ୍‌ରେ ଏକ ସ୍କୁଟିକୁ ପଛପଟୁ ଏକ ଘରୋଇ ସ୍କୁଲ ବସ୍ ଧକ୍କା ଦେବାରୁ ଗିତାଞ୍ଜଳି ପଣ୍ଡା(୩୫) ନାମ୍ନୀ ଜଣେ ମହିଳା ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଖରାସାହାପୁର ଗ୍ରାମର ଗିତାଞ୍ଜଳି ଅନ୍ୟ ଜଣେ ମହିଳାଙ୍କ ସହ ସ୍କୁଟି ଯୋଗେ ଗୋପାଳପୁର ବଜାରକୁ କାଳୀଠାକୁର ଦେଖିବାକୁ ଯାଉଥିଲେ। ସଲ୍ଟ ରୋର୍ଡ ମାଗୁରା ଛକ ଠାରେ ଏକ ଘରୋଇ ବସ୍ ସେମାନଙ୍କ ସ୍କୁଟିକୁ ପଛପଟୁ ଧକ୍କା ଦେବାରୁ ଗିତାଞ୍ଜଳିଙ୍କ ମୁଣ୍ଡ ଫାଟିବା ସହିତ ହାତ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ନିଆରା ଢଙ୍ଗରେ ପାଳିଲେ ଦୀପାବଳି

## କ୍ୟାନ୍‌ସର ପୀଡ଼ିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ

**ବାଲିଆପାଳ, ୨୮।୧୦(ସ୍ୱ.ପ୍ର)**


ସୁବର୍ଣ୍ଣ ସମ୍ପର୍କ ପରିବାର ପକ୍ଷରୁ ସହାୟତା।

ବାଲେଶ୍ୱର ଜିଲାରେ 'ସୁବର୍ଣ୍ଣ ସମ୍ପର୍କ' ପରିବାର ପକ୍ଷରୁ ଚଳିତବର୍ଷ ନିଆରା ଢଙ୍ଗରେ ଦୀପାବଳି ପବ ପାଳନ କରାଯାଇଥିଲା। ପରିବାର ସଦସ୍ୟମାନେ ବାଲିଆପାଳ ବ୍ଲକର ଲଙ୍ଗଳେଶ୍ୱର ଜନୈକା କ୍ୟାନ୍‌ସର ପୀଡ଼ିତାଙ୍କ ଘରେ ପହଞ୍ଚି ଦୀପାବଳି ଶୁଭେଚ୍ଛା ଜଣାଇବା ସହ ଚିକିତ୍ସା ପାଇଁ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏହି କ୍ୟାନସର ପୀଡିତାଙ୍କ ସ୍ୱାମୀ ଜଣେ ଗାଡ଼ି ଚାଳକଥିଲେ। ଏକ ଦୁର୍ଘଟଣାରେ ତାଙ୍କ ଆଖି ନଷ୍ଟ ହୋଇଯାଇଥିବା ସତ୍ତ୍ୱେ ସେ ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ଲାଗି ଧାର ଉଧାର କରି ସର୍ବସ୍ୱ ହରାଇ ସାରିଛନ୍ତି। ଏଷବ ରଗ୍‌ଣା ସ୍ତ୍ରୀ, ବୃଦ୍ଧ ମା'ବାପା ଏବଂ ଦୁଇ ପିଲାଙ୍କୁ ନେଇ ସେ ଏକ ପରିତ୍ୟକ୍ତ ପଲିଥିନ ଘେରା ମାଟି ଘରେ ବାସ କରୁଛନ୍ତି। ଏଭଳି ସ୍ଥିତିରେ ସାମାଜିକ ଅନୁଷ୍ଠାନ ସୁବର୍ଣ୍ଣ ସମ୍ପର୍କ ପରିବାର ସଦସ୍ୟମାନେ ସହାୟତାର ହାତ ବଢ଼ାଇବା ଘଟଣାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ସୁବର୍ଣ୍ଣ ସମ୍ପର୍କର ସଂଯୋଜକ ସମାଜସେବୀ ସଞ୍ଜୟ ପାତ୍ର, ଉପସଭାପତି ତଥା ଆବାହକ ଇଂ. ବିଜୟ କୁମାର ସେଠୀ, ସମ୍ପାଦକ ପ୍ରଫେସର ଡା. ମୃତ୍ୟୁଞ୍ଜୟ ପଣ୍ଡା, ଇଂ. ଅଚ୍ୟୁତାନନ୍ଦ ଦାସ, ଡ. ଗୟାରାମ ଗଙ୍ଗାଇ, ଇଂ. ପ୍ରଭାତ କୁମାର ସେଠୀ, କେଭିକେର ବରିଷ୍ଠ କୃଷି ବିଜ୍ଞାନୀ ଡ. ଅମିତା ରାଣୀ ପାତ୍ର, ପ୍ରଫେସର ଡ. ସଞ୍ଜୟ କୁମାର ଦେ, ଭେଲର ଅବସରପ୍ରାପ୍ତ ନିର୍ଦ୍ଦେଶକ ମନମୋହନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୁବର୍ଣ୍ଣ ସମ୍ପର୍କର ଅନ୍ୟତମ ସଦସ୍ୟ ଅବସରପ୍ରାପ୍ତ ଡିଭିଓ ଗୁଣନିଧି ପାତ୍ର ମଧ ୨୦ହଜାର ଟଙ୍କା ଚିକିତ୍ସା ପାଇଁ ପ୍ରଦାନ କରିଥିଲେ। ଏହାଛଡ଼ା ସୁବର୍ଣ୍ଣ ସମ୍ପର୍କ ପରିବାର ପକ୍ଷରୁ ପ୍ରତିମାସ ୧ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି କୁହାଯାଇଛି।

## ଆଶ୍ରମ ବିଦ୍ୟାଳୟରେ ତାରାରୋପଣ


ଆଶ୍ରମ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ।

**ବାଲେଶ୍ୱର ଅଫିସ,୨୮।୧୦:** ବାଲେଶ୍ୱର ସଦର ବ୍ଲକ ଓଲନ୍ଦାସାରଗାଁ ପଞ୍ଚାୟତର ଆକିନିଆଁ ସ୍ଥିତ ଆନନ୍ଦମାର୍ଗ ଆଶ୍ରମ ବିଦ୍ୟାଳୟରେ 'ଆଚ୍ଛା' ସଙ୍ଗଠନ ପକ୍ଷରୁ କୁନିକୁନି ପିଲାଙ୍କ ସହ ଦୀପାବଳି ପାଳନ କରାଯାଇଥିଲା। ଏହି ଅବସରରେ ଆଶ୍ରମରେ ବୃକ୍ଷରୋପଣ, ଭଜନକୀର୍ତ୍ତନ ଏବଂ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗଠନର ଜିଲା ସଭାପତି ବିସ୍ମିତ୍ ରଞ୍ଜନ ଦାସ, ସମ୍ପାଦକ ରଣଜିତ୍ କୁମାର ପୃଷ୍ଟି, ଉପସଭାପତି ସରିତା ସାହୁ, ଆବାହକ ଅଜୟ ନାୟକ, ସଂଯୋଜକ ରାକେଶ କୁମାର ଶିଅଳ, ନମିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଛୋଟପିଲାଙ୍କ ସହ ଉତ୍ସବ ପାଳିଲେ କେନ୍ଦ୍ରମନ୍ତ୍ରୀ

**ସଜନାଗଡ଼, ୨୮।୧୦(ଡି.ଏନ.ଏ.)**


କେନ୍ଦ୍ରମନ୍ତ୍ରୀ ଝୁରୁଝୁରି ଜାଳୁଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ନିକଟସ୍ଥ ଗୋପୀନାଥପୁର ଗ୍ରାମରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରବିବାର ଛୋଟ ପିଲାଙ୍କ ଗହଣରେ ଝୁରଝୁରି ଜଳାଇ ଦୀପାବଳି ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ପିଲାମାନଙ୍କ ସହ କଥା ହୋଇ ବେଶ୍ କିଛଇ ସମୟ ବିତାଇଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଲୋକଙ୍କୁ ମଧ ସେ ଦୀପାବଳିର ଶୁଭେଚ୍ଛା ଜଣାଇଥିଲେ।

## ପରିବେଶ ସୁରକ୍ଷା ପାଇଁ ବଣ୍ଟାଗଲା ମାଟିଦୀପ

**ରୂପ୍‌ସା,୨୮।୧୦ (ଡି.ଏନ.ଏ.)**


'ଜୀବନସାଥୀ' ପକ୍ଷରୁ ଜଣେ ମହିଳାଙ୍କୁ ମାଟି ଦୀପ ପ୍ରଦାନ କରାଯାଉଛି।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ବେଣାପୁରା 'ଜୀବନସାଥୀ' ସଂଗଠନ ପକ୍ଷରୁ ଦୀପାବଳି ଉତ୍ସବ ପାଳନ ଉପଲକ୍ଷେ ୬ ହଜାର ମାଟିଦୀପ ବଣ୍ଟନ କରାଯାଇଛି। ଦୀପାବଳି ପାଳନ ବେଳେ ପରିବେଶ ସୁରକ୍ଷା ଲାଗି ସ୍ଥାନୀୟ ୩ଟି ପଞ୍ଚାୟତର ୧୨ଟି ଗ୍ରାମରେ ସଚେତନତା ସୃଷ୍ଟି କରାଯାଇଥିଲା। ଯୁବ ସମାଜସେବୀ ଦୀପ୍ତିମାନ ପତିଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତା ବେଣାପୁରା, ଥେଙ୍ଗଡ଼ିହା, ସନ୍ତୋଷପୁର, ଧିତପୁରା, ରାମଚନ୍ଦ୍ରପୁର, ଭେଲୋରା ଓ ପାଉଁଶକୁଲି ଆଦି ଗ୍ରାମକୁ ଯାଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବା, ବାୟୁ ପ୍ରଦୂଷଣ କରୁଥିବା ବିଭିନ୍ନ ପ୍ରକାର ବାଣ ଓ ବାରୁଦର ବ୍ୟବହାର ନ କରି ମାଟିଦୀପ ଜାଳିବାକୁ ସେମାନେ ଲୋକଙ୍କୁ ବୁଝାଇଥିଲେ। ଗୋବର୍ଦ୍ଧନ ଜେନା, ଜଗବନ୍ଧୁ ସିଂ, କୁନା ସାହୁ, ଦେବେନ୍ଦ୍ର ବେହେରା, ଅଶ୍ୱିନୀ ପଣ୍ଡା, ତପନ ମହାଲିକ ଓ ବିଜୟ ବେହେରା ପ୍ରମୁଖ ସଂଗଠନର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୬ହଜାର ମାଟିଦୀପ ସହ ସଳିତା ଓ ତେଲ ବଣ୍ଟନ କରି ବିପଦମୁକ୍ତ ଦୀପାବଳି ପାଳନ ଲାଗି ଶୁଭେଚ୍ଛା ଜଣାଇଥିଲେ।

## ମା' କାଳୀଙ୍କୁ ଆରାଧନା, ତିଳତର୍ପଣ

**ଭୋଗରାଇ,୨୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇର ପୁରପଲ୍ଲୀରେ ମା' କାଳୀଙ୍କୁ ଆରାଧନା କରାଯିବା ସହ ଅମାବାସ୍ୟା ତିଥିରେ ବିଭିନ୍ନ ନଦନଦୀ ଘାଟରେ ତିଳତର୍ପଣ କରାଯାଇଛି। ଭୋଗରାଇ, ଚନ୍ଦନେଶ୍ୱର, ଶଙ୍ଖରାରୀ, ଶ୍ରଦ୍ଧାପୁର, କୀର୍ତ୍ତନିଆ, ଆଉସା, ନିମାଟ୍‌ପୁର, କଖଡ଼ା, ନୂଆଗାଁ, ଝଙ୍କ୍‌ଝକି, ସୋହରିଆ, ଚୌକି, କାଳାହି, ଦେଉଳା, ହରିପୁର, ଅନଳିଆ, ଥାନାଛକ, ଜୟରାମପୁର, ଭୋଗରାଇହାଟ ଏବଂ ଲକ୍, ବାଟଗ୍ରାମରେ ମା' କାଳୀଙ୍କ ଆରାଧନା କରାଯାଇଛି। ସେହିପରି ମହେଶପୁର, ଦହମୁଣ୍ଡା, ହରିଣକୁଲି, ନାଛିନନ୍ଦା, କମର୍ଦ୍ଦା, ବାହାର୍ଦ୍ଦା, ମହାଗବ, ବାଉଁଶଡ଼ିହା, କଖଡ଼ା ଓ ଦେହୁର୍ଦ୍ଦା ରାୟମହାଶୟଗଡ଼ କାଳୀପୂଜା ଲାଗି ଉତ୍ସବମୁଖର ହୋଇ ଉଠିଛି। ଜୟରାମପୁର ଅଜାଣଗଛ ଠାରେ ୧୨ହାତ କାଳି ମୂର୍ତ୍ତିଙ୍କ ପୂଜାର୍ଚ୍ଚନା ଆକର୍ଷଣ ସାଜିଛି।

## ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦର କବିତା ପାଠୋତ୍ସବ

**ବସ୍ତା, ୨୮।୧୦,(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ସ୍ଥାନୀୟ ସାହିତ୍ୟ ସଂସ୍କୃତି କଳା ପରିଷଦର ମାସାନ୍ତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ନାରାୟଣ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମାସର ଶେଷ ଶନିବାରରେ ଅନୁଷ୍ଠିତ ଏହି ସାରସ୍ୱତ ସଭାରେ ଉପଦେଷ୍ଟା ଶ୍ୟାମା ପ୍ରସାଦ ବେହେରା, ଅରୁଣ କୁମାର ଦାସଙ୍କ ସମେତ ମୁଖ୍ୟ ଅତିଥି ଭାବେ ବ୍ରଜେନ୍ଦ୍ରନାଥ ଗିରି, ସମ୍ମାନନୀୟ ଅତିଥି ଭାବେ ଜୟନ୍ତ କୁମାର ପାଣିଗ୍ରାହୀ, ରାଜକିଶୋର ମହାନ୍ତି, ପ୍ରଶାନ୍ତ କୁମାର ଦାସ, ସମ୍ପାଦକ ବିଜୟ କୁମାର ପରିଡା, ଜୟନ୍ତୀ ବେହେରା, ବିରାଜ ସିଂଦେଓ ,କମଳା ଦଳାଇ, ରଜନୀକାନ୍ତ ବାରିକ, ମୁଖ୍ୟବକ୍ତା ଭାବେ ସମୟ ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ବିକର୍ତ୍ତନ କବି, ଅଦ୍ୱୈତ୍ୟ ଜେନା, କେଶବ ଚନ୍ଦ୍ର ଦଣ୍ଡପାଟ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ କବିମାନେ ସ୍ୱରଚିତ କବିତା ପାଠ କରି ସମାଜକୁ ମୂଲ୍ୟବାନ ବାର୍ତ୍ତା ପ୍ରଦାନ କରିଥିଲେ। ଶେଷରେ ପରିଷଦର ସମ୍ପାଦକ ବିଜୟ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।


ଖବରଦାତା ସମ୍ମିଳନୀରେ ପୂର୍ବତନମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଓ ଅନ୍ୟମାନେ।

## ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ପଦ୍ମଲୋଚନ

**ବାଲେଶ୍ୱର ଅଫିସ,୨୮।୧୦**

ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଗତ ବୁଧବାର ରାୟଗଡ଼ା ଏକଲବ୍ୟ ମଡ଼େଲ ଆବାସିକ ସ୍କୁଲ ଗସ୍ତରେ ଯାଇଥିବାବେଳେ ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ। ଛାତ୍ରୀଛାତ୍ରମାନେ ଡାଲିଭାତ ଖାଉ ଥିବାବେଳେ ମନ୍ତ୍ରୀ କୁକୁଡ଼ାମାଂସ ଖାଇବା ଷନଇ ଏକ ଭିଡ଼ିଓ ଭାଇରାଲ୍ ହୋଇଛି। ଏଭଳି କାର୍ଯ୍ୟ ରାଜ୍ୟସରକାରଙ୍କ ୫-ଟି ବିରୋଧି ଆଚରଣ ହୋଇଥିବାରୁ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ପୂର୍ବତନମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଦାବି କରିଛନ୍ତି।

ବାଲେଶ୍ୱର ଜିଲାର ଏକ ଘରୋଇ ମହାବିଦ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନମନ୍ତ୍ରୀ ପଦ୍ମଲୋଚନ ଏହି ଦାବି ଉଠାଇ କହିଥିଲେ, ପୂର୍ବରୁ ଜଣେ ବିଇଓଙ୍କ ବିରୋଧରେ ସାମାନ୍ୟ ଅଭିଯୋଗ ଆସିବାରୁ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଏଣୁ ମନ୍ତ୍ରୀ ପାଣିଗ୍ରାହୀଙ୍କ ପାଇଁ ସମାନ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଓଡ଼ିଶାବାସୀଙ୍କୁ ସ୍ୱଚ୍ଛ ଶାସନ ଦେଉଥିବା ନେଇ ପ୍ରଚାର କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ଅନ୍ୟପକ୍ଷେ ମନ୍ତ୍ରୀ ପାଣିଗ୍ରାହୀ ଏଭଳି ଆଚରଣ ପ୍ରଦର୍ଶନ କରି ବାଲେଶ୍ୱର ଜିଲା ସହିତ ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀକୁ ସାରା ରାଜ୍ୟରେ ବଦନାମ୍ କରାଇଥିବାରୁ ଏହା ସିମୁଳିଆବାସୀଙ୍କୁ ମର୍ମାହତ କରଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ସହିତ ବିଜେଡି ସରକାରଙ୍କ ଇଚ୍ଛାଧୀନ ଶାସନ ବିରୋଧରେ ଜନଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବେଣୁମାଧବ ପଣ୍ଡା, ବରିଷ୍ଠ ଭାଜପା ନେତା ଶଙ୍କର୍ଷଣ ମାଝି, ସର୍ବେଶ୍ୱର ବେହେରା, ମନୋରଞ୍ଜନ ସ୍ୱାଇଁ, ରାଧାରମଣ ପଟ୍ଟନାୟକ, ରମେଶ ସାହୁ, ନିରାକର ପଣ୍ଡା, ପ୍ରଦୀପ ରାୟ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ମହୋତ୍ସବ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ୩୦ରେ ଖନ୍ତାପଡ଼ା ମହୋତ୍ସବ

**ବାହାନଗା,୨୮।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡା ମହୋତ୍ସବ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ବସିଥିବା ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି ସଭାପତି ଚନ୍ଦନେଶ୍ୱର ବେହେରା ପକାଶ କରିଛନ୍ତି।

ଏହି ମହୋତ୍ସବ ୨୯ତାରିଖରେ ହେବାର ଥିଲା। ମାତ୍ର ଲଘୁଚାପ ଜନିତ ବର୍ଷା ଯୋଗୁ ଏହାକୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ବାତିଲ କରାଯାଇଥିଲା। ପାଗ ଅନୁକୂଳ ହେବାରୁ ମହୋତ୍ସବ କମିଟି ତରଫରୁ ଏହାକୁ ଗୋଟାଏ ଦିନ ଘୁଞ୍ଚାଇ ୩୦ ତାରିଖରୁ ଆରମ୍ଭ କରାଯିବାକୁ ସ୍ଥିର କରାଯାଇଛି। ଏହି ଉତ୍ସବ ଦୀର୍ଘ ୬ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ମିନା ବଜାର, ରାମ ଦୋଳି, ଖୋର୍ଦ୍ଧାର ପାଇକ ଆଖଡା, ପୁରୀର ଗୁଟିପୁଅ ନୃତ୍ୟ, ସମ୍ବଲପୁରୀ ବାଦ୍ୟ ଓ ନୃତ୍ୟ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ବିଶିଷ୍ଟ ଯାତ୍ରା ଓ ସିନେ କଳାକାର ମଧ୍ୟ ଯୋଗ ଦେବେ। ଏଥିସହିତ ଜିଲାର ବହୁ ରାଜନୈତିକ ବ୍ୟକ୍ତି, ମନ୍ତ୍ରୀ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି ସଭାପତି ସୂଚନା ପ୍ରଦାନ କରିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ପାଦକ ସଞ୍ଜୟ କୁମାର ସାହୁ, କୋଷାଧକ୍ଷ ଡମ୍ବରୁ ବାରିକ୍, ଭାସ୍କର ଚନ୍ଦ୍ର ଦାସ, ସହ ସମ୍ପାଦକ ଦୀପକ କୁମାର ରଣା, ଉମାକାନ୍ତ ଘଡେଇ, ଗଣ ସାହୁ, ରୋହିତ ମଲ୍ଲିକ୍, ସୌମ୍ୟରଞ୍ଜନ ଦାସ, ବନମାଳି ବେହେରା, ବିଶ୍ୱରଞ୍ଜନ ବାରିକ୍, ସୁରେନ୍ଦ୍ର ସିଂ ବିମୁଗ୍ଧ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗାନ୍ଧିଜୀଙ୍କ ନୀତି, ଆଦର୍ଶ ବାଟ ଦେଖାଇବ

**ବାଲେଶ୍ୱର ଅଫିସ,୨୮।୧୦**

**ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଗାନ୍ଧିବାଦୀ ନେତ୍ରୀ ରାଧାଭଟ୍ଟଙ୍କ ଉଦ୍‌ବୋଧନ**

ବାଲେଶ୍ୱର ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ତରଫରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଉଠାଜଳସେଚନ କର୍ମଚାରୀ ଭବନରେ ବିଶିଷ୍ଟ ଗାନ୍ଧିବାଦୀ ତଥା ସର୍ବୋଦୟ ମଣ୍ଡଳର ସର୍ବଭାରତୀୟ ନେତ୍ରୀ ରାଧାଭଟ୍ଟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆୟୋଜିତ ଉତ୍ସବରେ ସମ୍ବର୍ଦ୍ଧନାର ଉତ୍ତର ଦେଇ ରାଧାଭଟ୍ଟ କହିଥିଲେ, ବର୍ତ୍ତମାନ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ନିଶାର ପ୍ରାଦୁର୍ଭାବରେ ଯୁବସମାଜ ବିପଥଗାମୀ ହେଉଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା ନ କରି ଜନସାଧାରଣ ନିଶା ବିରୋଧର ସ୍ୱର ଉଠାଇ ନିଜ ଅଞ୍ଚଳକୁ ନିଶାମୁକ୍ତ କରିବାକୁ ଉଦ୍ୟମ କରିବା ଉଚିତ। ମହାତ୍ମା ଗାନ୍ଧୀ ନିଶାମୁକ୍ତି ସମେତ ଗ୍ରାମସ୍ୱରାଜ ବ୍ୟବସ୍ଥା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। ତାଙ୍କ ନୀତି ଓ ଆଦର୍ଶକୁ ଗ୍ରହଣ କରି କାର୍ଯ୍ୟ କଲେ ଏହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ସୁସ୍ଥ ସମାଜ ଗଠନ ଲାଗି ଏହି ନୀତି ଆଦର୍ଶ ବାଟ ଦେଖାଇବ ବୋଲି ସେ କହିଥିଲେ।

'ମୋନା'ର ସଭାପତି ପ୍ରଭାକର ସାହୁ ଏଥିରେ ଅଧକ୍ଷତା କରିଥିଲେ। ଜିଲା ସମ୍ପାଦିକା ମମତା ମହାପାତ୍ର, ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ଜିଲା ଉପଦେଷ୍ଟା ରୋଟାରିଆନ୍ ସୁବ୍ରତ କର ଓ ପୂର୍ବତନ ସର୍ବୋଦୟ ଜାତୀୟ ଆବାହକ ଆଦିତ୍ୟ ପଟ୍ଟନାୟକ ହିଂସା ଓ ନିଶାମୁକ୍ତ ଭାରତ ସମେତ ସମାନତାର ଭାରତ ପ୍ରତିଷ୍ଠା ହେଲେ ଗାନ୍ଧିଜୀଙ୍କ ରାମରାଜ୍ୟର ସ୍ୱପ୍ନ ସାକାର ହେବ ବୋଲି କହିଥିଲେ। 'ମୋନା'ର ଜଲା କମିଟି ତରଫରୁ ବରିଷ୍ଠ ସଦସ୍ୟ ଡ. କେଶବ ଚନ୍ଦ୍ର ପଣ୍ଡା ରାଧା ଭଟ୍ଟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭା ଆରମ୍ଭରେ କଲ୍ୟାଣୀ ନନ୍ଦ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚ ଆବାହନ କରିଥିଲେ। ଡ. କ୍ଷିତୀଶ୍ୱର ଦାଶ ଧନ୍ୟବାଦ ଅର୍ପଣ



ବିଶିଷ୍ଟ ଗାନ୍ଧିବାଦୀ ନେତ୍ରୀ ରାଧାଭଟ୍ଟଙ୍କ ସହ ଅତିଥି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୯/୨୦୧୯ Balasore, Tuesday, October 29/2019

## ସଂକ୍ଷେପରେ

### ରାଜପଥରେ ଜଳିଗଲା କାର

**ଭଣ୍ଡାରିପୋଖରୀ, ୨୮।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ଡାହାଲାସ୍ଥିତ ତାରିଣୀ ମନ୍ଦିର ଛକଠାରେ ସୋମବାର ସନ୍ଧ୍ୟାରେ ଏକ କାର ଜଳିଯାଇଛି। ଉକ୍ତ କାରରେ ଏକ ପରିବାର ଯାଜପୁରରୁ ଆରଡ଼ି ଅଭିମୁଖେ ଯାଉଥିବା ବେଳେ ହଠାତ୍ ଧୂଆଁ ବାହାରିଥିଲା। ସେମାନେ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ପରେ ଗାଡ଼ିଟି ନିଆଁ ଲାଗି ଜଳିଯାଇଥିଲା। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇଥିବା ସ୍ଥାନୀୟ ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଘରୋଇ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ସଜନାଗଡ଼, ୨୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ବରହମ୍ପୁର ଥାନା ଅନ୍ତର୍ଗତ ଗରଡ଼ିହି ପଞ୍ଚାୟତରେ ବିଜୟ ନାଥ (୩୩) ନାମକ ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ନୀଳଗିରି ମେଡ଼ିକାଲକୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ବରହମ୍ପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭୧/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦନ୍ତ ଚଳାଇଛି। ଘରୋଇ କଳହ କାରଣରୁ ସେ ଆତ୍ମହତ୍ୟା କରିଥିବା ନେଇ ପୋଲିସ ସନ୍ଦେହ କରୁଥିବା କହିଛି।

### ହାତୀ ଉପଦ୍ରବ, ଗ୍ରାମବାସୀ ଭୟଭୀତ

**ଖଇରା, ୨୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡ଼ ସଂଲଗ୍ନ ଭୁଦେଇଶୁଳ ଗ୍ରାମ ନିକଟରେ ଏକ ହାତୀପଲ ଉପଦ୍ରବ ଚଳାଇଛନ୍ତି। ପାହାଡ଼ ସଂଲଗ୍ନ ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଅଧିବାସୀ ଏ ନେଇ ୨ଦିନ ଧରି ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗ୍ରାମବାସୀ ଖବର ଦେବା ପରେ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ କୁପାରୀ ବନବିଭାଗ ବାଣ ଫୁଟାଇ ଉକ୍ତ ପଲରେ ଥିବା ୬ ହାତୀଙ୍କୁ ଘଉଡ଼ାଇବାରୁ ସେମାନେ ହଦଗଡ଼ ଅଭିମୁଖେ ଫେରି ଯାଇଥିବା ଜଣାପଡିଛି।

### ବାଣ ଫୁଟା ବେଳେ ୮ରୁ ଅଧିକ ଆହତ

**ସଜନାଗଡ଼/ସୋର, ୨୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଓ ସୋର ଥାନା ଅଞ୍ଚଳରେ ଦୀପାବଳି ପାଇଁ ବାଣ ଫୁଟାଯିବାବେଳେ ୮ରୁ ଅଧିକ ଆହତ ହୋଇଥିବା ଜଣାପଡ଼ିଛି। ନୀଳଗିରି ଥାନା ଖରଡ଼ିହା ଗ୍ରାମର ଜଣେ ଯୁବକ ବାଣ ଫୁଟାଉଥିବାବେଳେ ଆହତ ହେବାରୁ ତାଙ୍କୁ ନୀଳଗିରି ଡାକ୍ତରଖାନା ଅଣାଯାଇ ପରେ ବାଲେଶ୍ୱରର ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ବାଉଁଶବଣିଆ ଗ୍ରାମର ଜଣେ ଯୁବକ ଏବଂ ବଲବଲିଆ ଗ୍ରାମରେ ଜଣେ ବାଳକ ଆହତ ହୋଇଛନ୍ତି। ସୋର ଥାନା ଦହିସଡ଼ା, ରାଧାବଲ୍ଲଭପୁର, ସିମୁଳିଆ, ବାରମହଲା, ଷ୍ଟେଶନଛକ ଆଦି ଅଞ୍ଚଳରେ ଦୀପାବଳିରେ ବାଣ ଫୁଟାବେଳେ କେତେକ ଆହତ ହୋଇଥିବା ଜଣାପଡ଼ିଛି।

### ଦୁଇ ବାଇକ୍ ଧକ୍କା:ଜଣେ ମୃତ

**ରୂପ୍‌ସା, ୨୮।୧୦(ଡି.ଏନ.ଏ.)-** ବାଲେଶ୍ୱର ଦେଇ ଯାଇଥିବା ୬୦ନଂ. ଜାତୀୟ ରାଜପଥର ନିଧିପଣ୍ଡା ଛକ ଠାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୨ଟି ବାଇକ୍ ଧକ୍କା ହେବା ଫଳରେ ଜଣେ ବାଇକ୍ ଆରୋହୀଙ୍କୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି। ମୃତ ଯୁବକ ହେଲେ ବୈଶିଙ୍ଗା ଥାନା ତାଳପଦା ଗ୍ରାମର ସେକ୍ ପଞ୍ଚୁଆ (୩୦)।

### ବିଦ୍ୟୁତ୍ ନେଲା ଜୀବନ

**ପଦ୍ମପୁର, ୨୮।୧୦ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପଦ୍ମପୁର ଗ୍ରାମର ପ୍ରକାଶ ଓଝା ନାମକ ଜଣେ ଯୁବକଙ୍କର ବିଦ୍ୟୁତ୍ ଆଘାତରେ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଦୀପାବଳି ପାଇଁ ନିଜ ଘର ଛାତରେ ଲିଚୁ ଲାଇଟ ଲଗାଉଥିବା ବେଳେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ■ ପାର୍କିଂ ଫି ଆଦାୟକୁ ନେଇ ଦାଦାଗିରି

# ଆକ୍ରମଣରେ ୭ ପର୍ଯ୍ୟଟକ ଆହତ

**ସଜନାଗଡ଼, ୨୮।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଥିବା ପ୍ରସିଦ୍ଧ ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ପାର୍କିଂ ଫି ଆଦାୟକୁ କେନ୍ଦ୍ର କରି ପର୍ଯ୍ୟଟକଙ୍କୁ ଆକ୍ରମଣ କରାଯିବା ଭଳି ଘଟଣା ସୋମବାର ଘଟିଛି। ଏହି ଆକ୍ରମଣରେ ୩ ମହିଳାଙ୍କ ସମେତ ୭ ପର୍ଯ୍ୟଟକ ଆହତ ହୋଇଛନ୍ତି। ନୀଳଗିରି ଥାନା ପୋଲିସ ସେମାନଙ୍କୁ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇଥିବା କହିଛି।

ପୋଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲା କଳସପୁର ଗ୍ରାମରୁ ବେଣୁଧର ଦ୍ୱିବେଦୀଙ୍କ ପରିବାର ଓ ବନ୍ଧୁବାନ୍ଧବ ଗୋଟିଏ ବୋଲେରୋ ଏବଂ ୩ଟି ବାଇକ୍ ଯୋଗେ ସୋମବାର ଅପରାହ୍ନ ଦେଢଟା ସମୟରେ ପଞ୍ଚଲିଙ୍ଗେଶ୍ୱର ପୀଠରେ ପହଞ୍ଚି ଥିଲେ। ସେମାନେ ଗାଡ଼ିକୁ ଷ୍ଟାଣ୍ଡରେ ରଖି ଶୈବପୀଠ ଦର୍ଶନ କରିବାକୁ ଯାଇଥିଲେ। ଅପରାହ୍ନ ସାଢେ ୪ଟା ସମୟରେ ସେମାନେ ଫେରି ଗାଡ଼ିଗୁଡ଼ିକୁ ଷ୍ଟାଣ୍ଡରୁ ବାହାର କରୁଥିବାବେଳେ ଷ୍ଟାଣ୍ଡର କର୍ମଚାରୀ ବାଇକ ଟିକେଟ୍ ମୂଲ୍ୟ ୧୦ ଟଙ୍କା ପରିବର୍ତ୍ତେ ୨୦ ଟଙ୍କା ଲେଖାଏଁ ଦାବି କରିଥିଲେ। ପର୍ଯ୍ୟଟକମାନେ ଏହାକୁ ବିରୋଧ କରିବାରୁ କେତେକ ଷ୍ଟାଣ୍ଡ କର୍ମଚାରୀ ଏବଂ ତାଙ୍କର ସମର୍ଥକ ସେମାନଙ୍କୁ ଗାଳି ଗୁଲଜ କରିବା ସହିତ ଠେଙ୍ଗାରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଭଳି ଆକ୍ରମଣରୁ ବୁଲିବାକୁ ଆସିଥିବା ମହିଳା, ପୁରୁଷ ଏବଂ ପିଲାମାନେ ମଧ ବର୍ତ୍ତି ନ ଥିଲେ। ଆକ୍ରମଣର ଶିବାର


ଆକ୍ରମଣର ଶିକାର ହୋଇଥିବା ବେଣୁଧର ଦ୍ୱିବେଦୀଙ୍କ ପରିବାର ଓ ସମ୍ପର୍କୀୟ ନୀଳଗିରି ଥାନା ସମ୍ମୁଖରେ।

■ ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠ ବୁଲି ଆସିଥିଲେ

■ ଅଟକ ପର୍ଯ୍ୟଟକଙ୍କୁ ଉଦ୍ଧାର କଲା ପୋଲିସ

ହେବା ପରେ ପର୍ଯ୍ୟଟକମାନେ ପୋଲିସର ଆଶ୍ରୟ ନେବାକୁ ବାହାରିବାରୁ ଷ୍ଟାଣ୍ଡ କର୍ମଚାରୀମାନେ ଗେଟ୍ ପକାଇ ଦେଇଥିଲେ। ଫଳରେ ସେମାନେ ସେଠାରୁ ବାହାରି ପାରି ନ ଥିଲେ। ଏଭଳି ସ୍ଥିତିରେ ବେଣୁଧର ଦ୍ୱିବେଦୀ କୌଶଳକ୍ରମେ ଅନ୍ୟ ଜଣେ ପର୍ଯ୍ୟଟକଙ୍କ ସହାୟତାରେ ଖସି ଆସି ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ସେଠାକୁ ଯାଇ ଅନ୍ୟ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲା। ପରେ ଆହତ ପର୍ଯ୍ୟଟକଙ୍କୁ ସ୍ଥାନୀୟ ନୀଳଗିରି ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଏଭଳି ଆକ୍ରମଣରେ ଦମୟନ୍ତୀ ଦ୍ୱିବେଦୀ, ଧନଞ୍ଜୟ ଦ୍ୱିବେଦୀ, ଅପ୍‌ସରା ଦ୍ୱିବେଦୀ, ରାହୁଲ କୁମାର ମିଶ୍ର, ପ୍ରେମାନନ୍ଦ ଦାସ, ହରିହର ମିଶ୍ର, ଶକୁନ୍ତଳା ମିଶ୍ର ପ୍ରମୁଖ ଆହତ ହୋଇଥିବା ପୋଲିସ କହିଛି। ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠ ଏକ ପର୍ଯ୍ୟଟନ କେନ୍ଦ୍ର ହୋଇଥିଲେ ମଧ ପୋଲିସ ପର୍ଯ୍ୟଟକଙ୍କୁ ସୁରକ୍ଷା ଯୋଗାଇ ନ ପାରିବା ନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।




## ଦୁଇ ସ୍ଥାନରୁ ୬ ଲକ୍ଷ ୪୦ ହଜାର ଲୁଟ୍

**ଭଦ୍ରକ ଅଫିସ, ୨୮।୧୦**

ଭଦ୍ରକ ଜିଲାର ଦୁଇଟି ସ୍ଥାନରୁ ସୋମବାର ଲୁଟେରାମାନେ ୬ ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ତିହିଡ଼ି ତଳଗୋପବିନ୍ଧା ଗ୍ରାମର ମଦନ କୁମାର ନାୟକ ଅପର୍ତ୍ତିବିନ୍ଧା ଷ୍ଟେଟବ୍ୟାଙ୍କରୁ ୧ ଲକ୍ଷ ୪୦ ହଜାର ଟଙ୍କା ଉଠାଇ ବାଇକ୍‌କୁ ବନ୍ତ ଛକ ବସ୍‌ଷ୍ଟାଣ୍ଡ ନିକଟ ଫିସେରୀ ଅଫିସ୍ ସମ୍ମୁଖରେ ରଖି ମାର୍କେଟିଂ କରୁଥିଲେ। ଏହି ସମୟରେ କେହି ଲୁଟେରା ବାଇକ୍ ଡିକି ଚାବି ଖୋଲି ଉକ୍ତ ଟଙ୍କା ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଟାଉନ ଥାନାଧିକାରୀ ସରୋଜିନୀ ସିଂ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ ଲୁଟେରାଙ୍କ ସନ୍ଧାନ ମିଳି ନାହିଁ। ସେହିଭଳି ଗ୍ରାମାଞ୍ଚଳ ଥାନା ଅଧୀନ ରାହାଞ୍ଜି ନିକଟରୁ ବାଲିଖଣ୍ଡ ଅଞ୍ଚଳର ଜଣେ ଯୁବକ ଏକ ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଦୁଇଜଣ ଲୁଟେରା ତାଙ୍କ ପିଛା କରି ସେ ଧରିଥିବା ଟଙ୍କା ବ୍ୟାଗ୍‌କୁ ଝାମ୍ପି ନେଇ ପଳାଇ ଯାଇଥିଲେ। ଗ୍ରାମାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିବା ସହ ବ୍ୟାଙ୍କର ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଚଳାଇଛନ୍ତି। ଏବେ ଭଦ୍ରକରେ ପୂଜା ବଜାର ହୋଇଥିବାରୁ ଲୁଟେରାମାନେ ସକ୍ରିୟ ହୋଇ ଉଠିଛନ୍ତି।

## ଶ୍ରୀରାମ କମ୍ପ୍ଲେକ୍ସରେ ଜଳିଗଲା ଜୋତା ଦୋକାନ

**ବାହାନଗା, ୨୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ବଜାର ଶ୍ରୀରାମ କମ୍ପ୍ଲେକ୍ସରେ ଥିବା ଏକ ଜୋତା ଦୋକାନରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜୋତା ଓ ଅନ୍ୟ ସାମଗ୍ରୀ ପୋଡିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏଭଳି ଦୁର୍ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଦୋକାନରେ ନିଆଁ ଲାଗିଥିବା ଖବର ପାଇ ଦୋକାନୀ ବିଦ୍ୟାଧର ସ ଆସି ପହଞ୍ଚିବା ବେଳକୁ ସବୁକିଛି ପୋଡିଯାଇଥିଲା।

## ୨୪ ଘଣ୍ଟା ପରେ ନଦୀରୁ ମୃତଦେହ ଉଦ୍ଧାର

**ବାହାନଗା/ପଦ୍ମପୁର, ୨୮।୧୦(ଡି.ଏନ.ଏ.)**

ଦୀର୍ଘ ୨୪ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ଏନଡିଆର ଟିମ୍ ନିଖୋଜ ଯୁବକ ହୁରିଆ ମାଝୀଙ୍କ ମୃତଦେହଙ୍କୁ ରେବା ନଦୀରୁ ଉଦ୍ଧାର କରିଛି। ଗତ ଶନିବାର ଅପରାହ୍ନରେ ବାଲେଶ୍ୱର ବଳରାମଗଡି ଅଞ୍ଚଳରେ କାମ ସାରି ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଖସାରଡି ଗ୍ରାମର ହୁରିଆତ ମାଝୀ(୪୫) ଓ କରଞ୍ଜଆଡିଆ ଅଞ୍ଚଳ କାଳିଦାସପୁର ଗ୍ରାମର ଦୟାନିଧି ମାଝୀ(୫୮) ଏବଂ ତିହିଡି ଥାନା ଅଞ୍ଚଳର ପଦ୍ମପୁର ନିକଟସ୍ଥ ମାଟିଆ ସାହିର ରତିକାନ୍ତ ପରିଡା(୧୯) ଏକ ବାଇକରେ ଫେରୁଥିଲେ। ସେମାନେ ବାଲେଶ୍ୱର -ବାସୁଦେବପୁର ସଂଯୋଗ କରୁଥିବା ସଲ୍ଟ ରୋଡ ଦେଇ ଫେରିବାବେଳେ ଭାରସାମ୍ୟ ହରାଇ ଚିଉଳ ପଞ୍ଚାୟତର ବାଲିକଉିରଣ ଗ୍ରାମ ନିକଟସ୍ଥ ରେବାନଦୀ ପଟା ପୋଲରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେମାନେ ପାଣିରେ ଗାଡି ସହିତ ପଡିଯାଇଥିଲେ। ଉପସ୍ଥିତ ଲୋକେ ସେଠାରୁ ପୋଲର ବାମପଟୁ ଦୟାନିଧି ଓ ରତିକାନ୍ତଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ପୋଲର ଡାହାଣ ପଟ ପାଣିକୁ ଖସିପଡିଥିବା ହୁରିଆ ମାଝୀଙ୍କୁ ଲୋକମାନେ ପାଇ ପାରି ନ ଥିଲେ। ସୋର ଥାନା ପୋଲିସ ଓ ଦମକଳବାହିନୀ ପହଞ୍ଚି ନିଖୋଜ ଯୁବକଙ୍କୁ ରାତିରେ ଖୋଜି ନିରାଶ ହୋଇଥିଲେ। ରବିବାର ସକାଳେ ସୋର ଦମକଳ ବାହିନୀ ପୁନର୍ବାର ଖୋଜାଖୋଜି କରିଥିଲେ। ପରେ ବାଲେଶ୍ୱରରୁ ଏନଡିଆରର ୧୫ ଜଣିଆ ଟିମ୍ ଆସି ଖୋଜା ଖୋଜି କରି ଅପରାହ୍ନ ସାଢେ ୪ ଟାରେ ପାଣିଭିତରୁ ମୃତଦେହ ଉଦ୍ଧାର କରିଥିଲେ।

## ଏମିତି ବି ଆସେ ମୃତ୍ୟୁ

**ଭଦ୍ରକ ଅଫିସ, ୨୮।୧୦**

ମୃତ୍ୟୁ କେତେବେଳେ କେଉଁ ରୂପରେ ଆସିବ ତାହା କାହାକୁ ଜଣା ନ ଥାଏ। ଏମିତି ବି ଆସେ ମୃତ୍ୟୁ। ବାଣକୁ ଡରି ଦୌଡ଼ି ପଳାଉଥିବା ବେଳେ ଖାଲରେ ପଡ଼ି ପଥରରେ ମୁଣ୍ଡ ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି।

ମୃତକ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାହାଞ୍ଜା ଗ୍ରାମର ଯଜ୍ଞତମ ସାମଲ। କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ସେ ନିଜ ଘର ସମ୍ମୁଖରେ ବାଣ ଫୁଟୁଥିବା ଦେଖି ଭୟରେ ଦୌଡ଼ି ପଳାଉଥିଲେ। ଏହି ସମୟରେ ଏକ ଖାଲରେ ପଡ଼ିଯାଇଥିଲେ ଓ ସେଠାରେ ଏକ ପଥରରେ ତାଙ୍କ ମୁଣ୍ଡ ପିଟି ହୋଇଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ରବିବାର ରାତିରେ ଭଦ୍ରକ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କପ୍ତିପଦା, ୨୮।୧୦(ଡ଼ି.ଏନ.ଏ)**

କପ୍ତିପଦା ଥାନା ଜଡିଦା ପଞ୍ଚାୟତର ନେଦାମଠାରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଯୁବକ ନେଦାମ ବାଘମୁଣ୍ଡାର ଅଜୁ ନାଏକ(୨୭)। ରବିବାର ସନ୍ଧ୍ୟାରେ ସେ ବାଘମୁଣ୍ଡାରୁ ନେଦାମକୁ ସାଇକେଲରେ ଯାଇଥିଲେ। ତେବେ ଉକ୍ତ ରାସ୍ତାରେ ସାଇକେଲ୍ ସହିତ ରକ୍ତାକ୍ତ ଅବସ୍ଥାରେ ଅଜୁ ପଡିଥିବା ଗ୍ରାମବାସୀମାନେ ଦେଖିବାକୁ ପାଇଥିଲେ। ଖବରପାଇ ପରିବାର ଲୋକେ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଜୁଙ୍କୁ ଉଦ୍ଧାରକରି କପ୍ତିପଦା ଡାକ୍ତରଖାନାକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିନେଇ କପ୍ତିପଦା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୪୭/୧୯)ରୁଜୁ ହୋଇଛି। ଅଜୁଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।


ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଦମକଳବାହିନୀ ଓ ଏନ୍‌ଡ଼ିଆର୍‌ଏଫ୍ ଟିମ୍।

## ବାପ କାନ୍ଧରୁ ନଦୀକୁ ଖସି ପଡ଼ିଲା ପୁଅ

### ୧୮ ଘଣ୍ଟା ପରେ ମୃତଦେହ ଉଦ୍ଧାର

**ସୋର, ୨୮।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ବାଇନଣ୍ଡା ମଙ୍ଗରାଜପୁର ଗ୍ରାମ ନିକଟସ୍ଥ କାଂଶବାଂଶ ନଦୀ ଅଗିରା ପୋଲ ଉପରୁ ରବିବାର ସନ୍ଧ୍ୟାରେ ବାପ କାନ୍ଧରୁ ତାଙ୍କ ୪ ବର୍ଷର ପୁଅ ଖସିପଡି ପାଣିରେ ଭାସି ଯାଇଥିଲେ। ଦୀର୍ଘ ୧୮ଘଣ୍ଟା ପରେ ସ୍ଥାନୀୟ ଦମକଳବାହିନୀ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ନଦୀରେ ଖୋଜାଖୋଜି କରି ତଳନଗର ପଞ୍ଚାୟତ ସାବନା ଗ୍ରାମ ନିକଟରୁ ଶିଶୁଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଏନେଇ ସୋର ଥାନା ପୋଲିସ ଏକ ମାମଲା (ନଂ. ୮୩/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ରବିବାର ସନ୍ଧ୍ୟାରେ ଏଭଳି ଦୁର୍ଘଟଣା ଘଟିବା ପରେ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ନିଶାସେବନ ଯୋଗୁ ଏଭଳି ଘଟିଥିବା ସନ୍ଦେହ କରି ଉତ୍ୟକ୍ତ ଲୋକେ ଗ୍ରାମରେ ଥିବା ଦୁଇଟି ମଦଦୋକାନରେ ଭଙ୍ଗାରୁଜା ଓ ପୋଡାଜଳା କାଣ୍ଡ ଘଟାଇଥିଲେ। ସୋର ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ପୋଲିସ ସୂଚନା ଅନୁଯାୟୀ ଭଦ୍ରକ ଜିଲା ଉଲଙ୍ଗ ଗ୍ରାମର ଜଣେ ବ୍ୟକ୍ତି ନିଜ ଶିଶୁପୁତ୍ର ସହ ସ୍ଥାନୀୟ ବଇଁଣ୍ଡିଖର୍ଦ୍ଧୀ ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲି ଆସିଥିଲେ। ରବିବାର ସନ୍ଧ୍ୟାରେ ସେ ନିଜ ପୁଅଙ୍କୁ ସ୍ଥାନୀୟ ବଜାର ବୁଲାଇ କାନ୍ଧରେ ବସାଇ ଫେରୁଥିଲେ। କାଂଶବାଂଶ ନଦୀ ପୋଲ ଉପରେ ସେ ଭାରସାମ୍ୟ ହରାଇବାରୁ ତାଙ୍କ ପୁଅ ତଳକୁ ଖସି ପଡିଥିଲେ। ସ୍ଥାନୀୟ ଲୋକ ଏହା ଜାଣିବା ପରେ ଖୋଜାଖୋଜି କରି ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ଦମକଳବାହିନୀ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ଶିଶୁଙ୍କର କୌଣସି ପତ୍ତା ମିଳି ନ ଥିଲା। ପୁନଶ୍ଚ ସୋମବାର ଦମକଳବାହିନୀ ଏନ୍‌ଡ଼ିଆର୍‌ଏଫ୍ ଟିମ୍ ମିଳିତ ଭାବେ ଖୋଜାଖୋଜି କରି ଅପରାହ୍ନ ବେଳକୁ ଏକ ଜାଲରେ ଲାଗି ଥିବା ଅବସ୍ଥାରେ ଏହି ଶିଶୁଙ୍କ ମୃତଦେହ ଠାବ କରି ଉଦ୍ଧାର କରିଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ମୃତ

**ଖୁଣ୍ଟା, ୨୮।୧୦(ଡି.ଏନ୍.ଏ.):** ଖୁଣ୍ଟା ଥାନା ଅଧୀନ ନହରା ଛକଠାରେ ସୋମବାର ଦୁର୍ଘଟଣାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବଣକାଟି ଗ୍ରାମର ଗଙ୍ଗାଧର ଗିରି(୫୦) ଅପରାହ୍ନରେ ବାଇକ ଯୋଗେ କୁଶଳଦାରୁ ନିଜଗ୍ରାମକୁ ଆସୁଥିବା ବେଳେ ଅନ୍ୟ ଏକ ବାଇକ ଯୋଗେ ସେହି ଗ୍ରାମର ରାମେଶ୍ୱର ବେଶ୍ରା (୨୫) ଓ ସାଥି ସିଂରାୟ ମାର୍ଣ୍ଡି ( ୩୦) କୁଶଳଦା ଦିଗକୁ ଯାଉଥିଲେ। ନହରା ଛକଠାରେ ଉଭୟ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ଗଙ୍ଗାଧର ଓ ରାମେଶ୍ୱରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ସିଂରାୟଙ୍କୁ ଚିକିତ୍ସା ପାଇଁ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଛି। ଖୁଣ୍ଟା ପୋଲିସ ଦୁର୍ଘଟଣାସ୍ଥଳରୁ ବାଇକ ୨ଟି ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି।

## ପାଣିରେ ବୁଡ଼ିଛି ଥୋଡ଼ଧାନ, ଚାଷୀ ହତାଶ

**ଧାମନଗର, ୨୮।୧୦ (ଡି.ଏନ.ଏ.)**

ଲଗାଣ ବର୍ଷା ପ୍ରଭାବରେ ଭଦ୍ରକ ଜିଲା ଧାମନଗର ବ୍ଲକର ଖାଲୁଆ ଅଞ୍ଚଳରେ ଚାଷଜମିରେ ପାଣି ପଶି ଥୋଡ଼ଧାନ ବୁଡ଼ି ଯାଇଛି। ଫଳରେ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ପୂର୍ବରୁ ବର୍ଷା ଅଭାବରୁ ମରୁଡ଼ିର ଆଶଙ୍କା ଦେଖା ଦେଇଥିବାବେଳେ ଲଗାଣ ବର୍ଷା ଦ୍ୱାରା ଚାଷୀଙ୍କ ମୁହଁରେ ହସ ଫୁଟିଥିଲା। କିନ୍ତୁ ପ୍ରବଳ ବର୍ଷା ଯୋଗୁ ଏବେ ଚାଷଜମି ସବୁ ବୁଡ଼ି ଯାଇଥିବାରୁ ଥୋଡ଼ଧାନ ମଧ୍ୟରେ ପାଣି ପଶିଲେ ଶତାଧିକ ଏକର ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବା ନିଶ୍ଚିତ ହୋଇଯାଇଛି। ଏପଟେ ଅମାବାସ୍ୟା ପାଇଁ ସମୁଦ୍ର ଜୁଆର ପତନ ବୃଦ୍ଧି ଯୋଗୁ ବନ୍ୟାଜଳ ସମୁଦ୍ର ଟାଣୁ ନ ଥିବାରୁ ବିଲ ଜମି ଶୁଖିବା ବିଳମ୍ବ ହେବ। ଯାହାଦ୍ୱାରା ବ୍ୟାପକ କ୍ଷତି ଆଶଙ୍କା ରହିଛି। ଏହି ବ୍ଲକର ବନ୍ୟାଜଳ ନିଷ୍କାସିତ ହେଉଥିବା ଖାଲୁଆ ଅଞ୍ଚଳ ଭାବେ କାଶିମପୁର, ଖଡ଼ିମାହାରା, ପଛାଲୋ, ବମକୁରା, ପତ୍ରିସାହି, ବାହାରବିଲ, ବାଙ୍କସାହି, ଦିନାଜପୁର, ଖୋପସାହି, କୋଠାର ଓ ମୁର୍ଘାହାଟକୂଳ ଆଦି ଗ୍ରାମର ଚାଷଜମି ସମ୍ପୂର୍ଣ୍ଣ ଭାବେ ପାଣିରେ ବୁଡ଼ି ରହିଛି। ତୁରନ୍ତ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ ପାଇଁ ଚାଷୀ ତପନ ପଣ୍ଡା, ଫକୀର ମୋହନ ନାୟକ, ମଧୁସୂଦନ ନାଥ, ଆନନ୍ଦ ପରିଡ଼ା, ଦିଲୀପ ନାୟକ, ଅକ୍ଷୟ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।


ଧାମନଗର କାଶିମପୁର ଅଞ୍ଚଳରେ ଚାଷଜମିରେ ବର୍ଷାପାଣି ଜମିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ନଦୀ ଖାଉଛି କୂଳ, ଜମି ହରାଉଛନ୍ତି ଚାଷୀ

ଚମ୍ପୁଆ, ୨୮।୧୦ (ଡି.ଏନ.ଏ.)

ଚିରସ୍ରୋତା ବୈତରଣୀ ନଦୀ ଦିନକୁ ଦିନ କୂଳ ଲଙ୍ଘିଚାଲିଛି। ଫଳରେ ନଦୀ ପଠାକୁ ଲାଗିରହିଥିବା ଚାଷ ଜମିଗୁଡିକରେ ଧୀରେ ଧୀରେ ନଦୀ ଗର୍ଭରେ ଲୀନ ହେବାକୁ ଯାଉଛି। ସୁରକ୍ଷା ବନ୍ଧ ନ ଥିବାରୁ ତଥା ପ୍ରତ୍ୟେକ ବର୍ଷ ଗତିପଥ ପରିବର୍ତ୍ତନ ଏଥିପାଇଁ ମୁଖ୍ୟତଃ ଦାୟୀ ହୋଇଛି। ସୂଚନା ଅନୁସାରେ ଓଡିଶା ଓ ଝାଡ଼ଖଣ୍ଡ ରାଜ୍ୟର କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ସୀମା ଚିହ୍ନଟ କରୁଥିବା ବୈତରଣୀ ନଦୀ ଚମ୍ପୁଆ ଦେଇ ବହିଯାଇଛି। ଏହି ନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡିକରେ ରହିଥିବା ଜମିଗୁଡିକ


ବୈତରଣୀ ନଦୀ ଧୋଇ ନେଉଥିବା ତଟ।

ପ୍ରତ୍ୟେକ ବର୍ଷ ମାଟି ଅତଡା ଖସି ନଦୀ ଗର୍ଭରେ ଲୀନ ହେଉଥିବା ଦେଖିବାକୁ ମିଳିଛି। ଫଳରେ ପାଣିର ସୁବିଧା ପାଇଁ ନଦୀକୂଳ ଜମିରେ ଚାଷ କରୁଥିବା ବ୍ୟକ୍ତି ସମୟକ୍ରମେ ଚାଷ ଜମି ହରାଇ ବସୁଛନ୍ତି। ସୂଚନା ଅନୁସାରେ ଗୋଧୂଳି ନିକଟସ୍ଥ କଦଳୀ ଦହରଠାରେ ପ୍ରାୟ ୪୦ ମିଟର, ସରେଇଠାରେ ୨୦୦ ମିଟର, କାଟୁଳିକନାଠାରେ ୨୫୦ ମିଟର, ଜ୍ୟୋତିପୁରଠାରେ ୨୦୦ ମିଟର, କଙ୍କଡା ନହକାଣୀ ଠାକୁରାଣୀ ଶାଳ ନିକଟରେ ୩୦୦ ମିଟର, ରୁପାକୁଣ୍ଡଠାରେ ୩୦୦ ମିଟର ପାଖାପାଖି ଧୋଇଯାଇଥିବା ଅନୁମାନ କରାଯାଉଛି। ୨୦୧୫-୧୬ ମସିହାରେ ପୂର୍ବତନ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ପ୍ରଚେଷ୍ଟାରେ ବୈତରଣୀ ଡିଭିଜନ ପକ୍ଷରୁ ଗୋଧୂଳିଠାରେ ପଥର ପ୍ୟାଚିଙ୍ଗ କାମ କରାଯାଇଥିଲା। ପରେ ଅନେକ ସ୍ଥାନରେ ଏହି ପଥରଗୁଡିକ ବୈତରଣୀ ନଦୀ ଗର୍ଭକୁ ଧସିଯାଇଥିଲେ ମଧ୍ୟ ତାହାର ମରାମତି କରାଯାଇନଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ନଦୀ ତଟବର୍ତ୍ତୀ ଅଞ୍ଚଳଗୁଡିକରେ ବିଭାଗ ପକ୍ଷରୁ ପଥର ପ୍ୟାଚିଙ୍ଗ କରା ନ ଗଲେ ଅନେକ ଜମି ନଦୀ ଗର୍ଭରେ ଲିନ ହୋଇଯିବ ବୋଲି କୁହାଯାଉଛି।

# ଶହୀଦଙ୍କୁ ଦୀପ ଜଳାଇ ଶ୍ରଦ୍ଧାଞ୍ଜଳି


ଶହୀଦ ଯବାନ ମାନଙ୍କୁ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଛି।

ବଡବିଲ, ୨୮।୧୦ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲରେ ଆଲୋକର ପର୍ବ ଦୀପାବଳିର ପବିତ୍ର ପର୍ବ ଆନନ୍ଦ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଛି। ପ୍ରତି ବର୍ଷ ଭଳି ବଡବିଲରେ ଘରମାନଙ୍କରେ ମୁରୁଜ, ରଙ୍ଗୋଲି, ଦୀପ, ରଙ୍ଗୀନ ଆଲୋକ ସୁସଜ୍ଜିତ କରଥିଲାବେଳେ ଏଥର ରଙ୍ଗୀନ ବାଣ, ଅଳ୍ପ ଶବ୍ଦ ବାଣ ଫୁଟାଇବାକୁ ପସନ୍ଦ କରିଥିବା ପରିଲକ୍ଷିତ ହୋଇଛି। ନିଆରା ଭାବେ ବଡବିଲର ପୁରୁଣା ବସଷ୍ଟାଣ୍ଡରେ ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ତରଫରୁ ୩ଶହ ଦୀପ ସାହାଯ୍ୟରେ ଦେଶ ମାତୃକା ନିମନ୍ତେ ଶହୀଦ ହୋଇଥିବା ବୀର ଯବାନ ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଦେଇଛନ୍ତି। ଏହି ଶ୍ରଦ୍ଧାଞ୍ଜଳୀରେ ବଡବିଲ ପୂର୍ବତନ ପୌରାଧକ୍ଷ ଦିଲୀପ ମିଶ୍ର, ଥାନା ଆଇଆଇସି ସୁଶାନ୍ତ ଦାଶଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

କେନ୍ଦୁଝର, ୨୮।୧୦ (ସ୍ୱ.ପ୍ର./ଡି.ଏନ.ଏ.)- କେନ୍ଦୁଝର ସଦର ରେଞ୍ଜ ଘଟଗାଁ ବ୍ଲକ ନମିଘରା ଗ୍ରାମର ସମ୍ରାଟ ସେନାପତି (୫୦) ନାମକ ଜଣେ ବ୍ୟକ୍ତିଙ୍କୁ ଭାଲୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଛନ୍ତି। ପ୍ରଥମେ ତାଙ୍କୁ ଘଟଗାଁ ଡାକ୍ତରଖାନା ଓ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସମ୍ରାଟ ରବିବାର ସକାଳ ୬ଟା ସମୟରେ ଶୌଚ ପାଇଁ ଗାଁ ନିକଟସ୍ଥ ବାରବାଙ୍କ ଜଙ୍ଗଲକୁ ଯାଇଥିବାବେଳେ ଏକ ବଣୁଆ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସଦର ରେଞ୍ଜ ନରଣପୁର ସେକ୍ସନର ବନ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଭାଲୁ ଆକ୍ରମଣରେ ତାଙ୍କର ମୁହଁ, ଆଖି ଓ ନାକ କ୍ଷତାକ୍ତ ହୋଇଥିବା ଜଣାପଡିଛି। ବନବିଭାଗ ପକ୍ଷରୁ ଗୁରୁତରଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ନିଶା ଦେଇ ବ୍ୟବସାୟୀଙ୍କ ଠାରୁ ଲୁଟ୍

ଆନନ୍ଦପୁର, ୨୮। ୧୦(ସ୍ୱ.ପ୍ର.)-ଘସିପୁରା ଥାନା ମଙ୍ଗଳପୁର ଗ୍ରାମର ଜଣେ ବ୍ୟବସାୟୀ ରବୀନ୍ଦ୍ର ସାହୁଙ୍କୁ କିଛି ଦୁର୍ବୃତ୍ତ ନିଶା ଦେଇ ଲୁଟ୍ କରିଥିବା ଅଭିଯୋଗ ହୋଇଛି। ରବୀନ୍ଦ୍ର ଦୈତାରୀ ଥାନା ଅନ୍ତର୍ଗତ ବ୍ରାହ୍ମଣୀପାଳ ହାଟକୁ ବ୍ୟବସାୟ ସାମଗ୍ରୀ ଧରି ଯାଇଥିଲେ। ସେଠାରେ ଦୋକାନ ଖୋଲିବା ପୂର୍ବରୁ କେହି ଦୁର୍ବୃତ୍ତ ତାଙ୍କୁ ଚା'ରେ ନିଶା ଦେଇ ନିକଟସ୍ଥ ରେଳ ଲାଇନ୍ ନିକଟକୁ ନେଇ ଲୁଟପାଟ କରିଥିଲେ। ଦୀର୍ଘ ସମୟ ଧରି ସେ ହାଟକୁ ନ ଆସିବାରୁ ସ୍ଥାନୀୟ କେତେକ ବ୍ୟବସାୟୀ ତାଙ୍କ ଘରକୁ ଖବର ଦେଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ନିକଟସ୍ଥ ରେଳ ଲାଇନ୍ କଡରେ ପାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

### ପ୍ରତାରଣା କରି ପ୍ରେମିକ ଗିରଫ

ପାଟଣା,୨୮।୧୦(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ କର୍ଣ୍ଣିପଡା ପଞ୍ଚାୟତର ଜଡିଚାତାର ଅଞ୍ଚଳର ଜଣେ ୧୯ ବର୍ଷୀୟ ଯୁବକ ଜଣେ ୨୨ବର୍ଷୀୟ ଯୁବତୀଙ୍କୁ ପ୍ରେମ କରି ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିବା ଅଭିଯୋଗରେ ରବିବାର ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଗିରଫ ଯୁବକ ଜଣକ ହେଉଛନ୍ତି ମୋହନ ନାଏକ। ଏନେଇ ତୁରୁମୁଙ୍ଗା ଥାନାରେ ଏସଆଇ ଅମିତାଭ ଦାସ ଏକ ମାମଲା (ନଂ. ୧୨୧/୧୯) ରୁଜୁ କରି ମୋହନଙ୍କୁ କୋର୍ଟ ଚାଲାଣ କରିଛନ୍ତି।

### ଦୁଇ ଟ୍ରକ ମୁହାଁମୁହିଁ : ଚାଳକ ଗୁରୁତର

ଆନନ୍ଦପୁର,୨୮।୧୦(ସ୍ୱ.ପ୍ର.)- ଘସିପୁରା ଥାନା ଧକୋଠା ଓଭର ବ୍ରିଜ ଉପରେ ଦୁଇ ଟ୍ରକ ମଧ୍ୟରେ ଧକ୍କା ହେବା ଫଳରେ ଜଣେ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। କେନ୍ଦୁଝର ପାର୍ଶ୍ୱରୁ ଆସୁଥିବା ଏକ ବାର ଚକିଆ ଯାନ ଭୁଲ ଟ୍ରାକରେ ପ୍ରବେଶ କରିବା ଫଳରେ ବିପରୀତ ପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ବାରଚକିଆ ସହିତ ଧକ୍କା ହୋଇଥିଲା। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଆହତ ଚାଳକଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚାଳକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି।

### ଯୁବକଙ୍କ ମୃତଦେହ ଉଦ୍ଧାର

କେନ୍ଦୁଝର, ୨୮।୧୦( ସ୍ୱ.ପ୍ର.)- କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବାରିଗାଁ ଗ୍ରାମ ନିକଟ ରାସ୍ତା ପାର୍ଶ୍ୱ କେନାଲ ହୁଡା ନିକଟରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କ ମୃତ ଦେହକୁ ସଦର ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ଘଟଗାଁ ଥାନା ତୋରାଣିପୋଖରୀ ଗ୍ରାମର ନବ କିଶୋର ବାରିକ। ସେ ରବିବାର ଅପରାହ୍ଣରେ ତୋରାଣିପୋଖରୀ ହାଟକୁ ଯାଇ ଆଉ ଘରକୁ ଫେରି ନ ଥିବା ବେଳେ ସୋମବାର ସକାଳେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ କେନାଲ ହୁଡ଼ା ନିକଟରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ସହ ପରିବାର ଲୋକଙ୍କୁ ଜଣାଇଥିଲେ । ଘଟଣା ସ୍ଥଳରେ ସଦର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ପରିବାର ଲୋକେ ଏହାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି ।

# ବ୍ୟାଙ୍କ୍‌ରେ ଗ୍ରିଲ କାଟି ପଶିଲେ ଦୁର୍ବୃତ୍ତ

ବଡ଼ବିଲ, ୨୮।୧୦ (ସ୍ୱ.ପ୍ର.)

- ଗ୍ୟାସ କଟର ସାହାଯ୍ୟରେ ଷ୍ଟ୍ରଙ୍ଗରୁମ କାଟିବାକୁ ଉଦ୍ୟମ
- ପୋଲିସ ସହ କେନ୍ଦୁଝରରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚିଲା

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ (ଏସଡିପିଓ) ସବ୍‌ଡିଭିଜନାଲ ପୋଲିସ ଅଫିସରଙ୍କ କାର୍ଯ୍ୟାଳୟ ନିକଟସ୍ଥ ୟୁକୋ ବ୍ୟାଙ୍କରେ ରବିବାର ରାତିରେ ଗ୍ରିଲ କାଟି ଦୁର୍ବୃତ୍ତମାନେ ପଶିବା ସହ ଗ୍ୟାସ କଟର ସାହାଯ୍ୟରେ ବ୍ୟାଙ୍କର ଷ୍ଟ୍ରଙ୍ଗ ରୁମକୁ କାଟିବାକୁ ଚେଷ୍ଟା କରି ବିଫଳ ହେବାପରେ ପଳାଇଯାଇଥିଲେ। ବ୍ୟାଙ୍କ ପକ୍ଷରୁ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ତଦନ୍ତରେ ସହାୟତା କରିବାକୁ ସୋମବାର କେନ୍ଦୁଝର ଜିଲା ମୁଖ୍ୟାଳୟର ସାଇଣ୍ଟିଫିକ ଟିମ୍ ଓ ପୋଲିସ ବିଭାଗର ସନ୍ଧାନୀ କୁକୁର ଆସି ପହଞ୍ଚିଥିବା ଜଣାପଡିଛି। ମୋଟ ୪ଟି ଗ୍ୟାସ ସିଲିଣ୍ଡର, ଦୁଇଟି ଗ୍ୟାସ କଟର ଓ ପାଇପ୍ ଜବତ କରି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ବ୍ୟାଙ୍କ ଖୋଲାଯିବା ପରେ ବ୍ୟାଙ୍କ ଶାଖା ପରିଚାଳକ କ୍ଷୀରୋଦ କୁମାର ବିଶ୍ୱାଳ ଲୁଟ୍ ଉଦ୍ୟମ ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ପୋଲିସକୁ ସୂଚନା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ପୋଲିସ ଜିଲା ମୁଖ୍ୟାଳୟରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଅପରାହ୍ନ ପ୍ରାୟ ଅଢେଇଟା ବେଳେ କେନ୍ଦୁଝରରୁ ଟିମ୍ ପହଞ୍ଚିବା ପରେ ତଦନ୍ତ ପ୍ରକ୍ରିୟାକୁ ପୋଲିସ ଜୋରଦାର କରିଛି। ଗ୍ୟାସ ସିଲିଣ୍ଡରଗୁଡିକ ମଧ୍ୟରୁ ଦୁଇଟି ସିଲିଣ୍ଡର ବଡବିଲ ଅଞ୍ଚଳର ବୋଲି ଜଣାପଡ଼ିଛି। ପୋଲିସ ସମସ୍ତ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ତନାଘନା ଚଳାଇଛି। ୟୁକୋ ବ୍ୟାଙ୍କ ଶାଖା ପରିଚାଳକ କ୍ଷୀରୋଦ କୁମାର ବିଶ୍ୱାଳ କୁହନ୍ତି ଯେ, ରବିବାର ଛୁଟିଥିଲା, ସୋମବାର ସକାଳେ ବ୍ୟାଙ୍କରେ ପହଞ୍ଚିବା ପରେ ଲୁଟ୍ ଉଦ୍ୟମ ହୋଇଥିବା ଜଣାପଡିଥିଲାବେଳେ ବ୍ୟାଙ୍କର ଦୁଇଟି ସିସି କ୍ୟାମେରା ଓ ଆଲାର୍ମର ତାର ବିଚ୍ଛିନ୍ନ କରାଯାଇଥିବାବେଳେ ସିସି କ୍ୟାମେରାର ରେକର୍ଡିଂ ସୁରକ୍ଷିତ ରହିଛି। ପୋଲିସ ଓ ସାଇଣ୍ଟିଫିକ ଟିମ୍‌ର ନିର୍ଦ୍ଦେଶ ପରେ ତା'ର ତନଖି କରାଗଲେ ଦୁର୍ବୃତ୍ତମାନଙ୍କ କାର୍ଯ୍ୟକଳାପ ଜଣାପଡିପାରେ।

## ବିଭିନ୍ନ ସ୍ଥାନରେ ଚୋରି

ବଡବିଲ, ୨୮।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ମୁଖ୍ୟ ରାଜ୍ୟପଥର ଉତ୍କଳ ନିକଟସ୍ଥ କଳିଙ୍ଗ ହାର୍ଡୱେର ଆଣ୍ଡ କନ୍‌ଷ୍ଟ୍ରକ୍ସନରୁ ଶୁକ୍ରବାର ରାତିରେ ନଗଦ ୩୫ ଲକ୍ଷ ଟଙ୍କା ଚୋରି ହୋଇଥିବା ବେଳେ ପିଏଚଡିର ଏକ ଭଡା ଘରେ ରହୁଥିବା ବାଣ ବ୍ୟବସାୟୀ ବୁଲୁ ସାହୁଙ୍କ ୧ଲକ୍ଷ ୪୭ ହଜାର ଟଙ୍କା ଚୋରି ହୋଇଥିବା ଜଣାପଡିଛି।

## ଦୁଇ ବାଇକ୍ ଧକ୍କା, ୩ ଗୁରୁତର

ଆନନ୍ଦପୁର, ୨୮।୧୦(ସ୍ୱ.ପ୍ର.)

ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ହେବା ସହିତ ଦୁଇ ଜଣ ଆହତ ହୋଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ମାନେ ହେଲେ କାଳିଅମ୍ବା ଗାଁ ର ପ୍ରଶାନ୍ତ ନାଇକ, ରାଜୁ ନାଇକ୍, ସିଦ୍ଧାର୍ଥ ନାଇକ। କେନ୍ଦୁଝର ଜିଲା ଆନନ୍ଦପୁର ଉପକଣ୍ଠ ସୋସୋ ଥାନା ହଦଗଡ ନିକଟସ୍ଥ କାଳିଅମ୍ବା ଠାରେ ଦୁଇ ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଥିଲା। ୩ ଗୁରୁତରଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଆହତ ମାନଙ୍କୁ ଅଗ୍ନିଶମ ବିଭାଗ ଦ୍ୱାରା ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ଛକ ଠାରେ ଏକ ବଡ ହମ୍ପସ୍ ଥିବାରୁ ଏହି ଦୁର୍ଘଟଣା ଘଟିଥିବା ଲୋକମାନେ ପ୍ରକାଶ କରିଛନ୍ତି।

# କୁଡୁମୀ ସମ୍ପ୍ରଦାୟର ନିଆରା ପର୍ବ

ପାଟଣା/ତେଲ୍‌କୋଇ, ୨୮।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା କୁଡୁମୀ ବହୁଳ ପାଟଣା ବ୍ଲକରେ କାଳୀପୂଜାକୁ କୁଡୁମୀ ସମ୍ପ୍ରଦାୟର ଲୋକେ ୩ଦିନ ଧରି ଧୁମଧାମରେ ପାଳୁଛନ୍ତି। କୁଡୁମୀ ସମ୍ପ୍ରଦାୟର ଲୋକମାନେ ଏହିପର୍ବକୁ ଏକ କୃଷିଭିତ୍ତିକ ପର୍ବ ଭାବେ ଗୋମାତା ଓ ଗୋଧନକୁ ପୂଜାର୍ଚ୍ଚନା କରିବା ସହ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଅର୍ପଣ କରିଥାନ୍ତି। ଗାଈକୁ ତେଲ ସିନ୍ଦୁର ଧାନ କେଣ୍ଡା ବାନ୍ଧି ସୁସଜ୍ଜିତ କରାଯାଏ। ଘରଲୋକେ ଯିଏ ଯେଉଁଠି ଥିଲେବି ଏହି କାଳୀପୂଜା ପାଳିବାକୁ ଘରକୁ ବାହୁଡନ୍ତି। ସମସ୍ତେ ଏକାଠି ହୁଅନ୍ତି। ସମସ୍ତଙ୍କ ପାଇଁ ନୂଆଲୁଗା ପଟା କିଣାଯାଏ। ଘରବାହାର ଗୋବରରେ ଲିପାପୋଛା କରି ଝୋଟି ଦିଆଯାଇଥାଏ। ଘରେ ନୂଆ ରଙ୍ଗ ମରାଯାଏ। ମା'ଲକ୍ଷ୍ମୀ ଓ କାଳୀଙ୍କୁ ସ୍ୱାଗତ କରି ଦୀପ ଓ ଆଲୋକମାଳାରେ ଘରକୁ ସୁସଜ୍ଜିତ କରାଯାଏ। କାଳୀପୂଜା ର ପ୍ରଥମ ଦିନକୁ ଗୋଠପୂଜା ଭାବେ ପାଳି ଥାଆନ୍ତି। ପ୍ରଥମ ଦିନ ପରମ୍ପରାରେ ଗାଁ ମୁଣ୍ଡ ଏକ ପଡ଼ିଆରେ ଗାଁ ତମାମ ଗୋରୁ ଗାଈଙ୍କୁ ଏକତ୍ରିତ କରାଯାଏ। ଏକ କୁକୁଡ଼ା ଅଣ୍ଡାକୁ ପୂଜା କରି ପଡିଆ ମଧ୍ୟରେ ଗାଈଗୋରୁଙ୍କୁ ଛାଡିଦିଆଯାଏ। ଯୋଉ ଗାଈ ସେହି ଅଣ୍ଡାକୁ ମାଡ଼େ ତାକୁ ଶିର ଗାଈ କୁହାଯାଇଥାଏ। ସେଇ ଗାଈ ମାଲିକଙ୍କୁ ଗାଁଲୋକେ କାନ୍ଧରେ ବସାଇ ତାଙ୍କ ଘରକୁ ବୋହି ଆଣନ୍ତି। ଗାଁର ସବୁଲୋକଙ୍କୁ ସେଇ ଶିରଗାଈର ମାଲିକ ପିଠା ପଣା ଖୁଆଇ ଆପ୍ୟାୟିତ କରିଥାନ୍ତି। ଦ୍ୱିତୀୟ ଦିନ ଗୁହାଳ ପୂଜାରେ ସମସ୍ତେ ନୂଆଲୁଗା ପରିଧାନ କରନ୍ତି। ଘରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡ ପଡେ। କାଳୀ ପୂଜାର ୩ଦିନ ଯାକ କୁଡୁମୀ ସମ୍ପ୍ରଦାୟର ଲୋକ ମାନେ ମଉଜ ମସ୍ତି କରି ଦିନ କାଟନ୍ତି। ଆଧୁନିକତାର ଅନୁପ୍ରବେଶରେ କୁଡୁମୀ ଜାତିର ନିଆରା କାଳୀପୂଜା ଦିନକୁ ଦିନ ଫିକା ପଡୁଛି ବୋଲି ଏହି ସମ୍ପ୍ରଦାୟର ଶିକ୍ଷାବିତ ଗଦାଧର ମହାନ୍ତ କହିଥିବାବେଳେ ନିଜ ସମ୍ପ୍ରଦାୟ ଲୋକମାନେ ନିଜର ସଂସ୍କୃତି ଓ ପରମ୍ପରାକୁ ଭୁଲି ନ ଯିବାକୁ ସାମାଜିକ କର୍ମୀ ବିରଞ୍ଚି କୁମାର ମହାନ୍ତ କହିଛନ୍ତି। ସେହିପରି ତେଲକୋଇ ଅଞ୍ଚଳରେ ମଧ୍ୟ ଏହି ନିଆରା ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ସୋମବାର ଶେଷ ଦିନରେ ବୁଣି ବନ୍ଧାଣୀ ଉତ୍ସବ ଆରମ୍ଭ ହୋଇଛି । ଚଳିତ ବର୍ଷ ଧାନକ୍ଷେତରେ ଧାନ ଅମଳର ଶୁଭ କାମନା କରି ବୟୋଜ୍ୟେଷ୍ଠ ଲୋକେ ନାଚ ଗୀତ କରି ଚାଷ ଜମିରେ ଏହି ଉତ୍ସବର ପର୍ବ ଶେଷ କରିଛନ୍ତି। ତିନି ଦିନରେ ଏହି କାଳୀପୂଜା ଉତ୍ସବରେ ବିଭିନ୍ନ ସ୍ଥାନରୁ ଥିବା ପରିବାର ଲୋକେ ଉତ୍ସବ ପାଳନ ପାଇଁ ଆସିଥିବା ବେଳେ ସମ୍ପର୍କୀୟ ଲୋକଙ୍କୁ ଅମନ୍ତ୍ରଣ କରାଯାଇଥିଲା।

# ଅଗ୍ନିକାଣ୍ଡରେ କର୍ମଚାରୀଙ୍କ ମୃତ୍ୟୁ

ହାଟଡିହୀ, ୨୮।୧୦(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ସୋସୋ ଥାନା ଅନ୍ତର୍ଗତ ସୁନ୍ଦରାପାଳ ଛକରେ ଗତ ରବିବାର ବିଳମ୍ବିତ ରାତିରେ ପ୍ରାୟ ୧ ଘଟିକା ସମୟରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଘର ପୋଡିଯିବା ସହିତ ଶୁକଦେବ ମୁଣ୍ଡା (୪୮) ନମକ ଜଣେ ବ୍ୟକ୍ତି ପୋଡ଼ି ହୋଇ ମୃତ୍ୟୁବରଣ କରିଛନ୍ତି। ହାଟଡିହୀରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲାବେଳେ ସୋସୋ ଥାନାଧିକାରୀ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ତାଙ୍କ ଘର ସୁନ୍ଦରାପାଳ ମୁଣ୍ଡାସାହି ବୋଲି ଜଣାପଡିଛି । ସେ ଆନନ୍ଦପୁର ତହସିଲରେ ଜଣେ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ପାରିବାରିକ କଳହରୁ ଗତ କିଛିଦିନ ହେଲା ଘରକୁ ନ ଯାଇ ସୁନ୍ଦରାପାଳ ଛକରେ ଏକ ଚାଳ ଘରେ ରାତିରେ ଶୋଉଥିଲେ । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାବେଳେ ସେସୋ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


କାଶୀପୁର ମା' ଶ୍ମଶାନ କାଳୀ।


ମାଇନିଂ ରୋଡ଼ ମା' କାଳୀ।


ଟେଲିଫୋନ୍ ଏକ୍ସଚେଞ୍ଜ ମା' କାଳୀ।

# ଆକର୍ଷଣୀୟ ତୋରଣରେ ଝଲସୁଛି ପୂଜା ମଣ୍ଡପ

କେନ୍ଦୁଝର, ୨୮।୧୦(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜା ଧୁମଧାମରେ ଆରମ୍ଭ ହୋଇଛି। ରବିବାର ମା' କାଳୀଙ୍କର ପୂଜା ବିଧିପୂର୍ବକ ଆରମ୍ଭ ହୋଇଥିବା ବେଳେ ରାତିରେ ଘରେ ଘରେ ଆଲୋକ ସଜା, ବାଣ ଫୁଟାଇ ସମସ୍ତେ ଦୀପାବଳୀ ଉତ୍ସବ ପାଳନ କରିଛନ୍ତି। କେନ୍ଦୁଝର ସହରର କାଳୀତୀର୍ଥ, ଟେଲିଫୋନ୍ ଏକ୍ସଚେଞ୍ଜ ସମ୍ମୁଖ ନେତ୍ରାକାଳୀ, କାଶୀପୁରଠାରେ ଶ୍ମଶାନକାଳୀଙ୍କ ଆକର୍ଷଣୀୟ ମେଢ, ଆଲୋକ ସାଜସଜା ଓ ସୁଉଚ୍ଚ ତୋରଣ ଦେଖିବାକୁ ଜିଲାର ବିଭିନ୍ନ ସ୍ଥାନରୁ ଲୋକଙ୍କ ଭିଡ ଜମିଛି । ସେହିପରି ବହୁ ପୁରାତନ ସିଦ୍ଧମଠ ଠାରେ ଥିବା ସିଦ୍ଧକାଳୀ ମନ୍ଦିର, ମାଧପୁରଠାରେ ଥିବା ମା' କାଳୀଙ୍କ ମନ୍ଦିର ତଥା ସରାସ କାଳୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ସହ ହୋମଯଜ୍ଞ ଆଦି କରାଯାଇଛି। ଏହି ଅବସରରେ ୧୨ ଦିନ ବ୍ୟାପୀ ହେବାକୁ ଥିବା ମୀନାବଜାରର ଶୁଭାରମ୍ଭ କରାଯାଇଛି। ମୀନାବଜାରରେ ବିଭନ୍ନ ପ୍ରକାର ମନୋହରି ଓ ସୌଖୀନ ଦୋକାନବଜାର ସହିତ ଖାଦ୍ୟ ମେଳା ସମସ୍ତଙ୍କୁ ଆକର୍ଷିତ କରିଛି। ୧୯୪୧ ମସିହାରୁ କେନ୍ଦୁଝର ସହରରେ ପ୍ରଥମ ଥର ପାଇଁ ରାଜା ବଳଭଦ୍ରନାରାୟଣ ଭଞ୍ଜଦେଓଙ୍କ ଦ୍ୱାରା କାଳୀପୂଜା ଆରମ୍ଭ ହୋଇଥିବା କାଳୀତୀର୍ଥ କାଳୀ ପୂଜା ଚଳିତବର୍ଷ ୭୯ବର୍ଷରେ ପଦାର୍ପଣ କରିଛି ।

ଘସିପୁରା, (ଡି.ଏନ.ଏ.)

ଘସିପୁରା ଠାରେ କାଳୀପୂଜା କମିଟି ପକ୍ଷରୁ ଚଳିତ ବର୍ଷ କାଳୀପୂଜା ଧୁମଧାମରେ ପାଳିତ ହେଉଛି। ଏଠାରେ ଦୀର୍ଘ ୭୫ବର୍ଷ ହେବ କମିଟି ପକ୍ଷରୁ ମା'ଙ୍କ ପୂଜାକୁ ପାଳନ କରାଯାଉଛି। ଗତ ରବିବାର ମଧ୍ୟରାତ୍ରରୁ ସମସ୍ତ ରୀତିନୀତି ସହ ପୂଜା ସମ୍ପନ୍ନ କରାଯାଇଥିଲା। ସୋମବାର ସକାଳୁ ମା' ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। କମିଟି ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଚଳିତ ବର୍ଷ ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳରେ ପୂଜା ମଣ୍ଡପ ଝଲସୁଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ଏହି ପୂଜା କମିଟିର ବିଶେଷ ଆକର୍ଷଣ। ଆସନ୍ତା କାଲି ଜିଲା ବାହାର କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଶଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ୩୧ ତାରିଖରୁ ୨ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ସାର୍ଥକ ଗଣନାଟ୍ୟ ପକ୍ଷରୁ ଅପେରା ପ୍ରଦର୍ଶିତ କରାଯିବ। କମିଟି ଉପଦେଷ୍ଟା କେଶବ ଚନ୍ଦ୍ର ସାହୁ, ସଭାପତି ହରେକୃଷ୍ଣ ସାହୁ, ଉପ ସଭାପତି ପ୍ରମୋଦ ଦାଶ, ସମ୍ପାଦକ ସୁରେଶ ସେଠୀ, ଅଚ୍ୟୁତାନନ୍ଦ ରଣା, ରାଜ କିଶୋର ବେହେରା, ସ୍ମୃତି ରଞ୍ଜନ ମିଶ୍ର, ଗଣେଶ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।


ମାଧପୁର ମା' କାଳୀ।


କାଳୀତୀର୍ଥ ମା' କାଳୀ।

ଢେଙ୍କିକୋଟ, (ଡି.ଏନ୍.ଏ.)

ଗତ ରବିବାର ପବିତ୍ର ଅମାବାସ୍ୟା ତିଥିରେ ସାରା ଦେଶରେ ପାଳିତ ହୋଇଛି ମା' ଶ୍ୟାମାକାଳୀଙ୍କ ପୂଜା। ଏହି ଅବସରରେ ଢେଙ୍କିକୋଟ ମା' ଶ୍ୟାମାକାଳୀ ପୂଜା କମିଟିର ସଭାପତି ବିଜୟ କୁମାର ମଣ୍ଡଳ, ସମ୍ପାଦକ ଦେବାନନ୍ଦ ମଣ୍ଡ, କୋଷାଧ୍ୟକ୍ଷ ସାର୍ଥକ ଗିରିଙ୍କ ବଳିଷ୍ଠ ଉଦ୍ୟମରେ ତଥା ସକ୍ରିୟ ସଦସ୍ୟ ପଦ୍ମନ ମଲିକ, ବରିଞ୍ଚ ମଣ୍ଡଳ, ପିଣ୍ଟୁ ପରିଡ଼ା, ସୁରେଶ ମଣ୍ଡଳ, ନିରଞ୍ଜନ ଗିରି ଏବଂ ରଣଜିତ୍ ମଣ୍ଡଳଙ୍କ ସହଯୋଗରେ ଦୀର୍ଘବର୍ଷ ଧରି ପୂଜାମଣ୍ଡପରେ ମା' ଶ୍ୟାମାକାଳୀଙ୍କ ପୂଜା ଯଥାବିଧି ପାଳନ ଧୁମ୍‌ଧାମ୍‌ରେ ହୋଇଆସୁଛି। ପୂଜାମଣ୍ଡପ ରଙ୍ଗୀନ ଆଲୋକମାଳାରେ ଝଲସୁଥିବାବେଳେ ସୁଉଚ୍ଚ ରଙ୍ଗୀନ ତୋରଣ ଲୋକଙ୍କ ମନକୁ ଆକୃଷ୍ଟ କରୁଛି। ଯାହାଫଳରେ ମଣ୍ଡପରେ ଭିଡ଼ ଜମୁଛି।